
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୭ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 27 October 2024
Vol.No. 35 ■ No.285 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆକ୍ରମଣ ପରେ ଇସ୍ରାଏଲକୁ ଇରାନର ନାଲିଆଖି

### ଭାରିପଡିବ ପାଲଟା ଆକ୍ରମଣ : ଆମେରିକା



ନୂଆଦିଲ୍ଲୀ, ୨୬/୧୦ : ଅକ୍ଟୋବର ୧ଇସ୍ରାଏଲ ଉପରେ ଇରାନ ରାତି ଅଧରେ କରିଥିଲା ବଡ ଆକ୍ରମଣ ।୨୫ଦିନ ପରେ ଇରାନଠୁ ପ୍ରତିଶୋଧ ନେଇଛି ଇସ୍ରାଏଲ । ଶନିବାରୁ ଭୋରୁ ଆଇଡିଏଫ ଇରାନର ସୈନ୍ୟ ଠିକଣା ଉପରେ ବଡ ଆକ୍ରମଣ କରିଛି । ଏହି ଆକ୍ରମଣକୁ ଅନେକ ମୁସଲିମ ବହୁଳ ରାଷ୍ଟ୍ର ନିନ୍ଦା କରୁଥିବାବେଳେ ଆମେରିକା ମଧ ପ୍ରତିକ୍ରିୟା ରଖିଛି । ସେପଟେ କ'ଣ ରହିଛି ଇସ୍ରାଏଲର ଆଗାମୀ ରଣନୀତି ଜାଣନ୍ତୁ। ଶତ୍ରୁଙ୍କଠୁ ପ୍ରତିଶୋଧ ନେବାରେ ଟିକେ ବି ହେଲେ ଡେରି କରେନି ଇସ୍ରାଏଲ । ସେ ହିଜବୁଲ୍ଲା ହେଉବା ହମାସ । ଠିକଣା ଦେଖି ଆକ୍ରମଣ କରେ ଆଉ ଦିଏ କଡ଼ା ଜବାବ । ଶନିବାର ଭୋରୁ ଜୋର ଆକ୍ରମଣରେ ଥରି ଉଠିଛି ଇରାନର ରାଜଧାନୀ ତେହେରାନ । ତିନି ଆଡୁ ଘେରି ଆଇଡିଏଫ ପ୍ରତିଶୋଧ ନେଇଛି । ଇସ୍ରାଏଲ ଏକଥା ମଧ ଜାଣିଛି ରକ୍ତମୁଖା ଇରାନ କୌଣସି ସମୟରେ ପାଲଟା ଜବାବ ଦେଇପାରେ । ତେଣୁ ଏନେଇ ଆଇଡିଏଫ ଜରୁରୀ ବୈଠକରେ ଆଗାମୀ ରଣନୀତି ପ୍ରସ୍ତୁତ କରିଛି । ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଅଧ୍ୟକ୍ଷତାରେ ବସିଛି ଜରୁରୀ ବୈଠକ । ସେପଟେ ଆକ୍ରମଣକୁ ନେଇ ଆମେରିକା ମଧ ପ୍ରତିକ୍ରିୟା ରଖିଛି । ପାଲଟା ଆକ୍ରମଣ କଲେ ଇରାନର ସ୍ଥିତି ଶୋଚନୀୟ ହେବ ବୋଲି ସତର୍କ କରାଇଦେଇଛି ଆମେରିକା । ସେପଟେ ସାଉଦି ଆରବ ସମେତ ଅନେକ ମୁସଲିମ ବହୁଳ ରାଷ୍ଟ୍ର ଇସ୍ରାଏଲକୁ ଆକ୍ରମଣ ପାଇଁ ନିନ୍ଦା କରିଛନ୍ତି । ଇରାନ ବିରୋଧୀ ଲଢ଼େଇ ପାଇଁ ଆବଶକୀୟ ଦସ୍ତାବିଜ ଲିକ ହୋଇଛି ଓ ଇରାନ ଉପରେ ବର୍ତ୍ତମାନ ଆକ୍ରମଣ କରାଯିବନି ବୋଲି ଅର୍ନ୍ତଜାତୀୟ ଗଣମାଧମରେ ଖବର ପ୍ରକାଶ ପାଇଥିଲା । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଖବରର କିଛି ଘଣ୍ଟା ମଧରେ ଇରାନ ଉପରେ ଜୋରଦାର ଆକ୍ରମଣ କରିଛି ଇସ୍ରାଏଲ । ଏବେ ଦେଖିବାକୁ ବାକି ରହିଲା ଇରାନ-ଇସ୍ରାଏଲ ଲଢ଼େଇ ମଧ୍ୟପ୍ରାଚ୍ୟର ଭବିଷ୍ୟତକୁ କେଉଁ ଆଡକୁ ନେଉଛି ।

## ଫସଲ କ୍ଷୟକ୍ଷତିର ହେବ ଜିଓଟ୍ୟାଗିଂ: ଡିବିଟିରେ ଦିଆଯିବ କ୍ଷତିପୂରଣ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୬/୧୦ (ନି.ପ୍ର): ବାତ୍ୟା 'ଦାନା' ପ୍ରଭାବିତ ଲୋକଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ ଗାଇଡଲାଇନ୍ ଆଧାରରେ କ୍ଷତିପୂରଣ ଦିଆଯିବ । ଫସଲ କ୍ଷୟକ୍ଷତିର ଜିଓଟ୍ୟାଗିଂ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାସ୍ତରରୁ ଏହି କ୍ଷୟକ୍ଷତି ରିପୋର୍ଟ ଆସିଲେ ସେହି ଆଧାରରେ ପ୍ରଭାବିତ ଲୋକଙ୍କୁ ଡିବିଟି ମାଧମରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂହଦେଓ ସୂଚନା ଦେଇଛନ୍ତି । ଆଜି କୃଷି ବିଭାଗର ବରିଷ୍ଠ ଅଧିକାରୀ ଓ ପ୍ରଭାବିତ ଜିଲ୍ଲାର କୃଷି ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଜିଲ୍ଲାସ୍ତରରୁ ଏବେ ଚାଷଜମି ପ୍ରଭାବିତ ହେବାର ପ୍ରାକ୍ ଆକଳନ ଆଇଏଷ୍ଟିମେଟ୍ ରିପୋର୍ଟ ଆସିଛି । ବର୍ଷା କମିବା ପରେ ଅଫିସରମାନେ ଗ୍ରାଉଣ୍ଡକୁ ଯାଇ କ୍ଷୟକ୍ଷତିର ଜିଓ ଟ୍ୟାଗିଂ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହି ରିପୋର୍ଟକୁ ଆଧାର କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ,ଏସଆରସି ଓ କୃଷି ବିଭାଗ ଆବଶ୍ୟକ ନିଷ୍ପତ୍ତି ନେବେ । ଚାଷୀମାନଙ୍କର ଯାହା ଅଧିକାର ସେମାନେ ନିଶ୍ଚିତ ପାଇବେ ଓ ସେମାନଙ୍କୁ ତାହା ଯୋଗାଇଦେବାକୁ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

▶▶ପୃଷ୍ଠା ୭

## ଝାଡ଼ଖଣ୍ଡ ନିର୍ବାଚନରେ ଧୋନିଙ୍କୁ ବଡ଼ ଦାୟିତ୍ୱ

ନୂଆଦିଲ୍ଲୀ, ୨୬/୧୦ : ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କୁ ଚଳିତ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ମିଳିଛି ବଡ଼ ଦାୟିତ୍ୱ। ଧୋନିଙ୍କୁ ଏହି ନିର୍ବାଚନ ପାଇଁ ରାଜ୍ୟର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ କରାଯାଇଛି। ମତଦାନ ପାଇଁ ଲୋକଙ୍କୁ ସଚେତନ କରାଇବା ନେଇ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟକ୍ରମର ଅଂଶ ହେବେ ମାହି। ଝାଡ଼ଖଣ୍ଡର ମୁଖ୍ୟ ନିର୍ବାଚନ ଅଧିକାରୀ କେ.ରବି କୁମାର ଏନେଇ ସୂଚନା ଦେଇ କହିଛନ୍ତି, ଲୋକପ୍ରିୟ କ୍ରିକେଟର ମହେନ୍ଦ୍ର ସିଂହ ଧୋନି ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ନିର୍ବାଚନ ଆୟୋଗଙ୍କ ସଚେତନତା ଅଭିଯାନର ଅଂଶ ହେବେ। ନିର୍ବାଚନ ଆୟୋଗଙ୍କ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଧୋନିଙ୍କ ଫଟୋ ମଧ ବ୍ୟବହାର କରାଯିବ। ଅଧିକରୁ ଅଧିକ ସଂଖ୍ୟାରେ ଭୋଟରଙ୍କୁ ମତଦାନ ସାବ୍ୟସ୍ତ କରିବାକୁ ଉତ୍ସାହିତ କରିବା ପାଇଁ ତାଙ୍କର ଯୋଗଦାନ ବେଶ ଫଳପ୍ରଦ ହେବ ବୋଲି ଆଶା କରାଯାଉଛି। ଝାଡ଼ଖଣ୍ଡରେ ଚଳିତ ଥର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ୪୩ଟି ଆସନ ପାଇଁ ନଭେମ୍ବର ୧୩ରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୩୮ଟି ଆସନ ପାଇଁ ନଭେମ୍ବର ୨୦ରେ ହେବ ମତଦାନ। ନଭେମ୍ବର ୨୩ରେ ଆସିବ ଫଳାଫଳ।

## ଖସି ପାରିବେନି ଲୁଟେରା: ଏଣିକି ସବୁ ଆପାର୍ଟମେଣ୍ଟରେ ଲାଗିବ ଆଇପି କ୍ୟାମେରା



ଭୁବନେଶ୍ୱର, ୨୬/୧୦ (ନି.ପ୍ର): ଆପାର୍ଟମେଣ୍ଟରେ ଚୋରି ରୋକିବାକୁ କମିଶନରେଟ୍ ପୋଲିସର ପଦକ୍ଷେପ। ଏଣିକି ସବୁ ଆପାର୍ଟମେଣ୍ଟରେ ଲାଗିବ ଆଇପି କ୍ୟାମେରା। ସହରର ସବୁ ଆପାର୍ଟମେଣ୍ଟରେ ଓଟ ବ୍ୟବସ୍ଥା ଥିବା କ୍ୟାମେରା ଲଗାଇବାକୁ ପରାମର୍ଶ ଦେଇଛି କମିଶନରେଟ୍ ପୋଲିସ । ଏପରି କରିବା ଦ୍ୱାରା ଚୋରି ହ୍ରାସ ହେବା ସହ ଲୋକଙ୍କ ସୁରକ୍ଷା ବି ବୃଦ୍ଧି ପାଇବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଆପାର୍ଟମେଣ୍ଟ ବାସିନ୍ଦା କଲ୍ୟାଣ ସଂଘ ପ୍ରବେଶ ଓ ପ୍ରସ୍ଥାନ ପଥରେ ଲଗାଇବେ ଓଟ କ୍ୟାମେରା । ଏହାର ତଥ୍ୟ କମିଶନରେଟ ପୋଲିସ ପାଖରେ ରହିବ । ଜଣେ ଏସିପିଙ୍କୁ କ୍ୟାମେରା ତଥ୍ୟ ଜଣାଇବାକୁ ନିର୍ଦ୍ଧାରିତ କରାଯାଇଛି। ଏନେଇ ଆଡଭାଇଜରି ହେଲ୍ପଲାଇନ୍ ନମ୍ବର- ୭୦୭୭୭୯୮୧୧୧ ମଧ ଜାରି କରାଯାଇଛି। ୨୦୨୪ରେ ଟୁଇନ ସିଟିରେ ଆପାର୍ଟମେଣ୍ଟରୁ ୬୫ଟି ଚୋରି ହୋଇଥିବା ବେଳେ ମୋଟ୍ ୨୯ ଲୁଟେରାଙ୍କୁ ଗିରଫ କରିଛି କମିଶନରେଟ ପୋଲିସ। ଆଜିକାଲି ପ୍ରାୟ ସବୁ ଘରେ ବିଶେଷ କରି ଆପାର୍ଟମେଣ୍ଟରେ କ୍ୟାମେରା ଲଗାଯାଉଛି। ଦୁଇ ପ୍ରକାରର ସୁରକ୍ଷା କ୍ୟାମେରା ସବୁଠାରୁ ଲୋକପ୍ରିୟ ଏବଂ ଜଣାଶୁଣା: ଆଇପି କ୍ୟାମେରା ଏବଂ ସିସିଟିଭି। ତେବେ ସିସିଟିଭି ବଦଳରେ ଆଇପି କ୍ୟାମେରା ଲଗାଇଲେ କଣ ସୁବିଧା

▶▶ପୃଷ୍ଠା ୭

## ଶ୍ରୀଜଗନ୍ନାଥ ସଂସ୍କୃତିକୁ ବେଖାତିର: ଅବେଳାରେ ରଥଯାତ୍ରା କରିବ ଇସ୍କନ୍




ଭୁବନେଶ୍ୱର, ୨୬/୧୦ (ନି.ପ୍ର): ପୁଣି ଅଦିନରେ ରଥଯାତ୍ରା ଆୟୋଜନ। ଏଥର ଦେଶ ନୁହେଁ, ବିଦେଶରେ। ଆମେରିକାର ହ୍ୟୁଷ୍ଟନରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଭାଙ୍ଗିବାକୁ ଇସ୍କନର ଅପଚେଷ୍ଟା। ଅଦିନରେ ରଥଯାତ୍ରା ନକରିବାକୁ ପୂର୍ବ ପ୍ରତିଶ୍ରୁତିରୁ ଓହରି ଏଥର ଆମେରିକାର ହ୍ୟୁଷ୍ଟନରେ ଆସନ୍ତା ନଭେମ୍ବର ୯ ତାରିଖରେ ରଥଯାତ୍ରା ଆୟୋଜନ କରିବାକୁ ଯାଉଛି ଇସ୍କନ। ଯାହାକୁ ନେଇ ରାଜ୍ୟରେ ସୃଷ୍ଟି ହୋଇଛି ଭୀଷଣ ପ୍ରତିକ୍ରିୟା। ଇସ୍କନର ହ୍ୟୁଷ୍ଟନ୍ ଶାଖା ୱେବସାଇଟରେ ଦିଆଯାଇଥିବା ସୂଚନା ଅନୁସାରେ, ଆସନ୍ତା ନଭେମ୍ବର ୩, ରବିବାର ମହାପ୍ରଭୁଙ୍କ ସ୍ନାନଯାତ୍ରା, ନଭେମ୍ବର ୯ତାରିଖ ଶନିବାର ଆମେରିକାନ୍ ଲିଜନ୍ ପାର୍କରେ ତିନିଠାକୁରଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ଆଷାଢ଼ ଶୁକ୍ଳ ଦ୍ୱିତୀୟା ବଦଳରେ ନିଜକୁ ସୁହାଉଥିବା ଯେକୌଣସି ସମୟରେ ଇସ୍କନର ଏଭଳି ସ୍ନାନଯାତ୍ରା ଓ ରଥଯାତ୍ରାର ଆୟୋଜନକୁ ନେଇ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା। ଶ୍ରୀଜଗନ୍ନାଥଙ୍କ

▶▶ପୃଷ୍ଠା ୭

## ଭୁବନେଶ୍ୱର ଏୟାରପୋର୍ଟରେ ବାଘ ଆତଙ୍କ

ଭୁବନେଶ୍ୱର, ୨୬/୧୦ (ନି.ପ୍ର): ଭୁବନେଶ୍ୱର ବିମାନବନ୍ଦରରେ କଲରାପତରିଆ ବାଘ ଆତଙ୍କ। ବିମାନବନ୍ଦର ପରିସର ଡମ୍ପିଂ ୟାର୍ଡରେ ବାଘ ବୁଲୁଥିବା ଅଭିଯୋଗ ହୋଇଛି। ଆଜି ସକାଳେ ଭୁବନେଶ୍ୱର ଏୟାରପୋର୍ଟ ପାଖରେ ଥିବା ଡମ୍ପିଂୟାର୍ଡରେ କିଛି କର୍ମଚାରୀ କଲରାପତରିଆ ବାଘ ଭଳି ଏକ ଜନ୍ତୁ ବୁଲୁଥିବା ଦେଖିଥିଲେ। ଏନେଇ ସେମାନେ ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ବନ ବିଭାଗକୁ ଖବର ଦିଆଯାଇଥିଲା। ବାଘ ବୋଲି କୁହାଯାଉଥିବା ଜନ୍ତୁଟିକୁ ଠାବ କରିବାକୁ ଉଦ୍ୟମ ଚଳାଇଛି ବନ ବିଭାଗ। ଡମ୍ପିଂ ୟାର୍ଡରେ ବାଘ ବୁଲୁଥିବା କୁହାଯାଉଛି। ଯଦିଓ ବାଘ ନା ଅନ୍ୟ କେଉଁ ଜନ୍ତୁ ତାହା ଏଯାଏ ସ୍ପଷ୍ଟ ହୋଇନି, ତେବେବି ଗଛ ଉପରେ ବସିଥିବାରୁ ଏହାକୁ କଲରାପତରିଆ ବାଘ ବୋଲି ସନ୍ଦେହ କରାଯାଉଛି। ବାଘକୁ ଠାବ କରିବାକୁ ବନ ବିଭାଗ ଓ ପୋଲିସ ପକ୍ଷରୁ ଚାଲିଛି ସର୍ଚ୍ଚ ଅପରେସନ। ଜନ୍ତୁଟିକୁ ଧରିବାକୁ

▶▶ପୃଷ୍ଠା ୭

## ମହାରାଷ୍ଟ୍ର ନିର୍ବାଚନ ଲଢ଼ିବନି ଆପ୍: ମହାବିକାଶ ଅଘାଡ଼ି ପାଇଁ ପ୍ରଚାର କରିବେ କେଜ୍ରିୱାଲ



ନୂଆଦିଲ୍ଲୀ, ୨୬/୧୦ : ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ ଆମ ଆଦମୀ ପାର୍ଟି। ଏନେଇ ଦଳର ଆଧିକାରୀକ ସୋଶାଲ ମିଡିଆ ହ୍ୟାଣ୍ଡେଲ 'ଏକ୍ସ'ରେ ଘୋଷଣା କରାଯାଇଛି। ତେବେ ଇଇଚ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ମହାବିକାଶ ଅଘାଡ଼ି (ଶିବସେନା ଉଦ୍ଧବ ଗୋଷ୍ଠୀ, ଏନସିପି ଏସସିପି ଓ କଂଗ୍ରେସ) ମେଣ୍ଟର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହା ପୂର୍ବରୁ ଆଲୋଚନା ହେଉଥିଲା ଯେ, ଆମ ଆଦମୀ ପାର୍ଟି ମହାରାଷ୍ଟ୍ର ବିଧାନସଭା

▶▶ପୃଷ୍ଠା ୭

## ଫକୀରମୋହନ ସାହିତ୍ୟ ପରିଷଦରେ ସହମତି ଭିତ୍ତିରେ କାର୍ଯ୍ୟକର୍ତ୍ତା ଚୟନ ହେଉ

ବାଲେଶ୍ୱର, ୨୬/୧୦ (ନି.ପ୍ର): ଓଡ଼ିଶାର ଦ୍ୱିତୀୟ ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ 'ଫକୀରମୋହନ ସାହିତ୍ୟ ପରିଷଦ'ର ସାଧାରଣ ପରିଷଦ ବୈଠକ ତଥା କର୍ମକର୍ତ୍ତା ଚୟନ ଆସନ୍ତାକାଲି ହେବ ବୋଲି ଜଣାପଡ଼ିଛି । ପୂର୍ବରୁ ଏହି ସଂଗଠନର କର୍ମକର୍ତ୍ତା ନିର୍ବାଚନ ଅସାମ୍ବିଧାନିକ ଧାରାରେ ହୋଇଥିଲା ବୋଲି ଅଭିଯୋଗ କରି କେତେଜଣ ସଦସ୍ୟ କୋର୍ଟରେ ମୋକଦ୍ଦମା କରିଛନ୍ତି, ଯାହାର ରାୟ ଏଯାବତ୍ ପ୍ରକାଶ ପାଇନାହିଁ । କିନ୍ତୁ ଯେଉଁମାନେ ପରିଷଦର କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରି ଏହାକୁ ଚଳାଉଛନ୍ତି, ସେମାନେ ପୁନର୍ବାର ନିର୍ବାଚନ ମାଧ୍ୟମରେ କର୍ମକର୍ତ୍ତା ଚୟନ କରିବା ଲାଗି ଘରଘର ବୁଲି ପ୍ରଚାର କରିବା ଓ ଆଶାୟୀ ପ୍ରାର୍ଥୀମାନଙ୍କର ଏକ ତାଲିକା ବା ପ୍ୟାନେଲଭିତ୍ତିକ ପୁସିଂକାର୍ଡ୍ ବାଣ୍ଟିବାରେ ଲାଗିପଡିଛନ୍ତି। ସାଧାରଣ ପରିଷଦ ବୈଠକରେ ସହମତି ଭିତ୍ତିରେ କର୍ମକର୍ତ୍ତା ଚୟନ ପାଇଁ ସହମତି ନହୋଇପାରିଲେ ନିର୍ବାଚନ ପାଇଁ ସିଦ୍ଧାନ୍ତ ନିଆଯାଇଥାଏ ବୋଲି ଅଭିଯୋଗ କରି କର୍ମକର୍ତ୍ତା ଚୟନର ଏହି ପ୍ରକ୍ରିୟାକୁ ଅସାମ୍ବିଧାନିକ ଓ ସାରସ୍ୱତ ସଂପର୍କ ଓ ସଦଭାବନା କ୍ଷୁଣ୍ଣ କରୁଥିବା ଦର୍ଶାଇ ଏଥିରୁ କ୍ଷାନ୍ତ ହେବାପାଇଁ କେତେକ ବରିଷ୍ଠ ସଦସ୍ୟ ପରିଷଦର ଅନ୍ୟସମସ୍ତ ସଦସ୍ୟଙ୍କୁ ଗଣମାଧମ

▶▶ପୃଷ୍ଠା ୭

## ଗଛ ମା' ଉର୍ମିଳା ବେହେରାଙ୍କ ସ୍ମୃତିଚାରଣ ସଭା




ରୂପସା , ୨୬/୧୦ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ଆଙ୍କୋ ଗ୍ରାମରେ ଗଛ ମା' ତଥା ବିଶିଷ୍ଟ ଧର୍ମପ୍ରାଣା ମହିଳା ସ୍ୱର୍ଗତ ଉର୍ମିଳା ବେହେରାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ନିରଞ୍ଜନ ପଣ୍ଡା ଶର୍ମା ଅଧ୍ୟକ୍ଷତା କରିବା ସହ ଆତ୍ମା ଓ ପରମାତ୍ମାର ସ୍ୱରୂପ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା। ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ସମ୍ପାଦକ ବିଜୟ କୁମାର ଆଚାର୍ଯ୍ୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ ବେହେରା, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅକ୍ଷୟ କୁମାର ମିଶ୍ର, ଶ୍ରୀଧର ବେହେରା, ତପନ କୁମାର ଗିରି ଓ ଦୟାନିଧି ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଉର୍ମିଳା ବେହେରାଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ବେହେରା ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ସହ ବୃକ୍ଷ ରୋପଣକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ । ସେ ଓଡ଼ିଶା ସରକାରଙ୍କ ତରଫରୁ ପ୍ରକୃତି ବନ୍ଧୁ, ବାଙ୍ଗାଲୋରର ଜେଟକିଙ୍ଗ, ପୁରୀ ସର୍ବୋଦୟ ମେଳା ପୁରସ୍କାର ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ପରିବେଶବିତ୍ ପ୍ରଭୃତି ସମ୍ମାନରେ ସମ୍ମାନିତ ହୋଇଥିଲେ । ଏହି କାର୍ଯ୍ୟକ୍ରମ ସ୍ୱର୍ଗତ ବେହେରାଙ୍କ କ୍ୱାଇଁ ଡଃ ତପନ କୁମାର ବେହେରା, ସୁଧାଂଶୁ ମହାନ୍ତି ଏବଂ ଝିଅ ମିନତୀ ବେହେରା ଓ ପ୍ରଣତୀ ମହାନ୍ତିଙ୍କ ପୃଷ୍ଠପୋଷକତାରେ ଆୟୋଜିତ ହୋଇଯାଇଛି । ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର, ପ୍ରାଧ୍ୟାପକ ସରୋଜ କୁମାର ପାଣି, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଗଛ ମଣିଷ ରବୀନ୍ଦ୍ର କୁମାର ବେହେରା, ଅନ୍ତର୍ଯ୍ୟାମୀ ମହାପାତ୍ର, ଅଧ୍ୟାପକ ଚନ୍ଦନ କୁମାର ଦାସ, ଚକ୍ରଧର ଆଚାର୍ଯ୍ୟ, ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ଅଭିଭାଷଣ ଉପସ୍ଥାପନ କରିଥିଲେ । ରମେଶ ଚନ୍ଦ୍ର ବେହେରା, ଅଧାପକ ଶ୍ରୀଧର ବେହେରା, ଦେବେନ୍ଦ୍ର ଆଚାର୍ଯ୍ୟ, ସଞ୍ଜୟ କୁମାର ପ୍ରଧାନ, ମନ୍ମଥ ଦଳେଇ ଓ ପ୍ରକାଶ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଉମେଶ ଚନ୍ଦ୍ର ବେହେରା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଜେଲରୁ ଲରେନ୍ସ ବିଷ୍ଣୋଇର ଇଣ୍ଟରଭ୍ୟୁ: ୭ ପୁଲିସ ସସପେଣ୍ଡ



ନୂଆଦିଲ୍ଲୀ, ୨୬/୧୦ : ସାତ ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି ପଞ୍ଜାବ ସରକାର। ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଜେଲରେ ଥିବାବେଳେ ଗଣମାଧମକୁ ସାକ୍ଷାତକାର ଦେବା ମାମଲାରେ ସରକାର ସାତ ଜଣ ପୁଲିସ କର୍ମଚାରୀଙ୍କୁ ସସପେଣ୍ଡ କରିଛନ୍ତି। କର୍ତ୍ତବ୍ୟରେ ଦାୟିତ୍ୱହୀନତା

▶▶ପୃଷ୍ଠା ୭

# ବହୁପୁରାତନ ଶଙ୍କରାଖୁଣ୍ଟା ପୋଖରୀ ଏବେ ଦଳପୂର୍ଣ୍ଣ: ଏନ୍ଏସି କର୍ତ୍ତୃପକ୍ଷଙ୍କ ନଜର ପଡିବ କେବେ?



ନୀଳଗିରି , ୨୬/୧୦ (ନି.ପ୍ର): ନୀଳଗିରିରେ ରାଜତନ୍ତ୍ର ସମୟରୁ ନିଳଗିରି ସହରକୁ ମହିମା ମଣ୍ଡନ କରୁଥିବା ଶଙ୍କରାଖୁଣ୍ଟା ପୋଖରୀ ଉପରେ ଶହଶହ ପରିବାର ନିର୍ଭର କରିଆସୁଥିବା ବେଳେ ଏବେ ପୋଖରୀଟି ଚିଙ୍ଗୁଡ଼ି ଦଳରେ ପରିପୂର୍ଣ୍ଣ। ଫଳରେ ସ୍ଥାନୀୟ ଲୋକଙ୍କ କାମରେ ଆସିପାରୁନି ଉକ୍ତ ପୋଖରିଟି। ପ୍ରତ୍ୟେକ ଦିନ ଶହ ଶହ ଲୋକ ଉକ୍ତ ପୋଖରୀ ଉପରେ ନିର୍ଭର କରିଆସୁଥିବା ବେଳେ ଦଳପୂର୍ଣ୍ଣ ପାଇଁ ଉକ୍ତ ପୋଖରୀଟି କାମରେ ଲାଗି ପାରୁନାହିଁ। ନୀଳଗିରି ସହରର ମଧ ଭାଗରେ ଅବସ୍ଥିତ ଏହି ପୋଖରୀଟି ନୀଳଗିରି ପାଇଁ ଏକ କୀର୍ତ୍ତିରାଜି ଅଟେ। ଏହାର ପୁନରୁଦ୍ଧାର ପାଇଁ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ତୁରନ୍ତ ପରିଷ୍କାର ପରିଚ୍ଛନ୍ନ ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଥିବାର ପ୍ରକାଶ କରିଛନ୍ତି।

# ଡ. ଶିରୀଶଚନ୍ଦ୍ର ଜେନାଙ୍କ 'ଚେତନାର ଚିତ୍ରଲିପି' ଓ 'ଛାଇ ସହ ଖେଳ' ଉନ୍ମୋଚିତ




ବାଲେଶ୍ୱର, ୨୬/୧୦ (ନି.ପ୍ର): ଶାନ୍ତିକାନନ ପରିସରରେ ଶନିବାର ସନ୍ଧ୍ୟାରେ ଡ.ଶିରୀଶଚନ୍ଦ୍ର ଜେନାଙ୍କ ରଚିତ 'ଚେତନାର ଚିତ୍ରଲିପି' ନାମକ ପ୍ରବନ୍ଧ ପୁସ୍ତକ ଓ 'ଛାଇ ସହ ଖେଳ' ନାମକ କବିତା ଗ୍ରନ୍ଥ ପରିଷଦର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କର ପୌରୋହିତ୍ୟରେ ପାଠକାର୍ପିତ ହୋଇଯାଇଛି। ଗ୍ରନ୍ଥଦ୍ୱୟକୁ ଉନ୍ମୋଚନ କରି ସାହିତ୍ୟିକ ଓ ଭେଷଜ ବିଶେଷଜ୍ଞ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ମଣିଷ ଚେତନାର ମନସ୍ତାତ୍ତ୍ୱିକ ଦିଗ ଉପରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଆମ ସମାଜରେ ବିଚରଣ କରୁଥିବା ବହୁମୁଖୀ ଚରିତ୍ର ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନେକ ସାରସ୍ୱତ ଚରିତ୍ରର କୃତିଗୁଡ଼ିକୁ ଆଲୋଚନା କରି ଡ.ଜେନା ତାଙ୍କ ପ୍ରବନ୍ଧକୁ ବୈଭବପୂର୍ଣ୍ଣ କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ସମାଲୋଚକ ଡ.ହରିଶ୍ଚନ୍ଦ୍ର ବେହେରା ପ୍ରବନ୍ଧରେ ଥିବା ତଥ୍ୟର ପ୍ରୟୋଗକୁ କିପରି ଉପଯୁକ୍ତଭାବରେ ପ୍ରଦର୍ଶନ କରାଯାଇଛି ତାହାର ଅବତାରଣା କରିବା ସହିତ ପ୍ରାବନ୍ଧିକଙ୍କ ରଚନାର ଉନ୍ନତ ମାନକୁ ଦର୍ଶାଇଥିଲେ। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭାଗମୁଖ୍ୟ ଡ.ସନ୍ତୋଷ କୁମାର ନାୟକ ଡ.ଜେନାଙ୍କ କବିତାର ମାଧୁର୍ଯ୍ୟ, ସୁବୋଧ୍ୟତା ଓ ସାବଲୀଳତାର ଉଚ୍ଚପ୍ରଶଂସା କରିଥିଲେ। ଡ.ଜେନା ଲେଖକୀୟ ବକ୍ତବ୍ୟରେ ଜୀବନର ୫୦ବର୍ଷର ସାହିତ୍ୟ ସାଧନା କଥା ଉଲ୍ଲେଖ କରି ସାହିତ୍ୟମନସ୍କ ହେଲେ ମାନସିକ ଦୁଃଖ ଦୂରୀଭୂତ ହୋଇଯାଏ ବୋଲି ସୂଚନା ଦେଇଥିଲେ। ସଭାପତି ଡ.ତ୍ରିପାଠୀ ଡ.ଜେନାଙ୍କ ସାହିତ୍ୟକୁ ବ୍ରହ୍ମକମଳ ଫୁଲ ସହ ତୁଳନା କରି ତାହା ବହୁବର୍ଷପରେ ଫୁଟୁଥିଲେ ମଧ୍ୟ ଗୌରବ ବଢ଼ାଇଥାଏ ବୋଲି ଉଲ୍ଲେଖ କରିଥିଲେ। ଡ.ସାରଙ୍ଗଧର ତ୍ରିପାଠୀ ପ୍ରକାଶକୀୟ ବକ୍ତବ୍ୟ ରଖିଥିଲେ। ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚାସୀନ କରାଇଥିଲେ, ସମ୍ପାଦକ ଦୀପକ ଘୋଷ ପ୍ରାରମ୍ଭିକ ବକ୍ତବ୍ୟ ଦେଇଥିଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉତ୍ସବରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ଆସନ୍ତା ୩୦ ତାରିଖରେ ଭିନ୍ନକ୍ଷମ ସାମର୍ଥ ଶିବିର

ଜୟପୁର, ୨୬/୧୦ (ନି.ପ୍ର): ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଏବଂ ବୟୋଶ୍ରୀ ମେଳା ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ । ଜୟପୁର ବ୍ଲକ ପ୍ରଶାସନ ତରଫରୁ ମଡଣ୍ଡ ଇଁରାଜୀ ସ୍କୁଲ ପରିସରରେ ଏହି ଶିବିର ଆୟୋଜନ ହେବ । ଏନେଇ ଆଜି ବ୍ଲକ ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବ୍ଲକ ଅଧକ୍ଷା ତିଳୋତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା, ଜିପିଓ ଭାଗିରଥି ନାୟକ, ସିଡିପିଓ କାଞ୍ଚନ ପଣ୍ଡା ସହ ସରପଞ୍ଚ, ସମିତି ସଭ୍ୟ, ପିଇଓ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମେଳାରେ ଡାକ୍ତର ଏବଂ ବିଶେଷଜ୍ଞ ମାନଙ୍କ ଦ୍ୱାରା ଭିନ୍ନକ୍ଷମତା ଚିହ୍ନଟ କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବା ସହ ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକ ମାନଙ୍କୁ ସହାୟତା ଉପକରଣ ପାଇଁ ଆବେଦନ ଗ୍ରହଣ କରାଯିବ । ଯେଉଁ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କ ପାଖରେ ଭିନ୍ନକ୍ଷମ ପ୍ରମାଣ ପତ୍ର ନାହିଁ ବା ନୂତନ ଭାବେ ପ୍ରମାଣ ପତ୍ର ନିମନ୍ତେ ଆବେଦନ କରିବେ, ସେମାନେ ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ରାସନ କାର୍ଡ, ବିପିଏଲ କାର୍ଡ ଏବଂ ୩ ଗୋଟି ପାସ ଫୋଟ ନେଇ ଶିବିରରେ ଆସିବେ ଏବଂ ଡାକ୍ତର କକ୍ଷକୁ ଯାଇ ଭିନ୍ନକ୍ଷମ ପରୀକ୍ଷଣ କରାଇବେ । ଜୟପୁର ବ୍ଲକର ୨୨ଟି ପଂଚାୟତରେ ଦିବ୍ୟାଙ୍ଗ ବରିଷ୍ଠ ନାଗରିକ ମାନେ ଯେପରି ଶିବିରରେ ପହଂଚିବେ ସେ ନେଇ ସରପଂଚ, ସମିତି ସଭ୍ୟ, ପିଇଓ ମାନଙ୍କୁ ଅବଗତ କରାଯାଇଛି ।

ସେହିପରି ଆସନ୍ତା ୨୭ ତାରିଖରେ ଜିଲା ପରବ ର ଉଦଘାଟନ କାର୍ଯ୍ୟକ୍ରମ ସେମିଳିଗୁଡାର ଦୁଧାରି ମାଉଲି ମା ମନ୍ଦିର ଠାରେ ଉଦଘାଟନ ହେବ । ଏନେଇ ଜୟପୁର ବ୍ଲକର ଡେନ୍ସ ଟ୍ରୁପ, ଜନ ପ୍ରତିନିଧି କିପରି ଯିବେ ସେ ନେଇ ଆଲୋଚନା ହୋଇଥିଲା ।

# ବାତ୍ୟା କମିବା ସତ୍ତ୍ୱେ ଲୋକଙ୍କ ଦୁର୍ଦ୍ଦଶା ଥମୁ ନାହିଁ: ଚିନ୍ତାରେ ଚାଷୀ

ବାଲିଆପାଳ/ଲଙ୍ଗଳେଶ୍ୱର , ୨୬/୧୦ (ନି.ପ୍ର): ବାଲିଆପାଳରେ ଆଜି ବାତ୍ୟା ଦାନା କମି ଯାଇଛି କହିଲେ ଚଳେ। ମାତ୍ର ଦିନ ତମାମ ଝିପି ଝିପି ବର୍ଷା ଲାଗି ରହିଛି। ବାତ୍ୟାରେ ଚୌମୁଖ ଓ ବଳରାମପୁର ଠାରେ କେତୋଟି ଗଛ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ବାତ୍ୟା ଥମି ଥିଲେ ବି ଲୋକଙ୍କ ଦୁର୍ଦ୍ଦଶା କମି ନାହିଁ। ଭୟ ଓ ଆଶଙ୍କା ଆଜି ବି ଲୋକଙ୍କ ମନରୁ ଯାଇ ନାହିଁ। ଅବଶ୍ୟ ଅନେକ ଲୋକ ଆଜି ବାତ୍ୟା ଆଶ୍ରୟ ସ୍ଥଳୀରୁ ଯେ ଯାହା ଘରକୁ ଫେରିବା ଆରମ୍ଭ କରିଛନ୍ତି । ପ୍ରଶାସନ ତରଫରୁ ବାତ୍ୟା ଆଶ୍ରୟ ସ୍ଥଳୀରେ ଥିବା ଲୋକ ମାନଙ୍କୁ ମାଗଣାରେ ରନ୍ଧା ଖାଦ୍ୟ ଦେବାର ବ୍ୟବସ୍ଥା ହୋଇଛି। ବାତ୍ୟା ଯୋଗୁଁ ଚାଷୀଙ୍କ ଗୃହ ପାଳିତ ପଶୁ ପକ୍ଷୀ ସମସ୍ୟା ରେ ରହିଛନ୍ତି। ସେମାନଙ୍କ ପାଇଁ ଖାଦ୍ୟର ବିଶେଷ କିଛି ବ୍ୟବସ୍ଥା କରାଯାଇ ନାହିଁ। ଚଳିତ ଦାନା ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇ ଛନ୍ତି ଚାଷୀକୁଳ। ଶାରଦ ଧାନ ଚାଷରେ ଧାନ ଗଛର କେଣ୍ଡା ଗୁଡିକ ବର୍ଷା ମାଡ଼ରେ ନଷ୍ଟ ହୋଇଛି। ପୂର୍ବରୁ ବନ୍ୟା ଯୋଗୁଁ ଧାନ ଚାଷ କ୍ଷତି ଗ୍ରସ୍ତ ହୋଇ ଥିଲା। ବନ୍ୟା ପରେ ବାତ୍ୟା ମାଡ଼ ଚାଷୀଙ୍କୁ ଏବେ ସର୍ବସ୍ୱାନ୍ତ କରିଛି କହିଲେ ଚଳେ। ଷୋଳସା, କାଳନ୍ଦା, ଚନ୍ଦମଣୀ, ମଧୁପୁରା, ଚୌମୁଖ ଆଦି ପାଣ୍ଡ ଜମିରେ ଏବେ ଫୁଟେ ଦୁଇ ଫୁଟ ପାଣି ଜମି ରହିଛି। ବହୁ ଜମିରେ ଧାନ ଗଛ ଶୋଇ ଯାଇଛି। ପାନ ବରଜ ମଧ କ୍ଷତିଗ୍ରସ୍ତ ହୋଇଛି। ବହୁ ବରଜ ଭାଙ୍ଗି ରୁଜି ଯାଇଛି। ଚାଷୀଙ୍କ ଝିଲି ଗଡିଆରେ ମାଛ ଚାଷ ମଧ କ୍ଷତି ଗ୍ରସ୍ତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ କେତେକ ଗଡିଆରୁ ପାଣି ବାହାରି ଯାଇ ଥିବା କରଣରୁ ଚାଷୀ କ୍ଷତିରେ ପଡିଛନ୍ତି। ପରିବା ଚାଷ ଆଉ ଏ ଅଞ୍ଚଳରେ ନାହିଁ କହିଲେ ଚଳେ। ଅନ୍ୟ ପକ୍ଷରେ ଲୁଣା ଜୁଆର ଯୋଗୁଁ ସମୁଦ୍ର କୂଳ ଚାଷ ନଷ୍ଟ ହୋଇଛି। ଡଗରା, ଚୌମୁଖ, ବେତ ଗଡିଆ, ନୂଆଗାଁ, ଅଳାଡିହା, ଜାମ୍ବୀରାଇ ଆଦି ଉପକୂଳ ଚାଷ ଜମିକୁ ଲୁଣା ଜୁଆର ମାଡି ଆସି ଥିବାରୁ ଚାଷ ନଷ୍ଟ ହେବ ବୋଲି ଲୋକେ ଆକଳନ କରିଛନ୍ତି। ବନ୍ୟା କ୍ଷତି ପୂରଣ ଅଦ୍ୟାବଧି ଭରଣା ହୋଇ ନ ଥିବା ବେଳେ ଏବେ ବାତ୍ୟା କ୍ଷତି ଯୋଗୁଁ ଲୋକଙ୍କ ମୁଣ୍ଡରେ ଚଡକ ପଡିଛି। ରବି ଚାଷ ପାଇଁ ଚାଷୀଙ୍କୁ ମାଗଣାରେ ବିହନ, ସାର, ଔଷଧ ଯୋଗାଇ ଦେବାକୁ ଚାଷୀ ଶରତ ପ୍ରଧାନ, ଅନନ୍ତ କୁମାର ରାଉତ, ଅନନ୍ତ କୁମାର ଜେନା, ହାଟୁଆ ବାରିକ, ମନ୍ମଥ କୁମାର ପାତ୍ର ପ୍ରମୁଖ ଦୃଢ଼ ଦାବି କରିଛନ୍ତି। ତେବେ ଉଭୟେ ବନ୍ୟା ଓ ବାତ୍ୟା କ୍ଷତି ପୂରଣ ଲୋକଙ୍କୁ ଖୁବ ଶୀଘ୍ର ପ୍ରଦାନ କରାଯିବ ବୋଲି ଗତ କାଲି ପଞ୍ଚାୟତ ରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବାଲିଆପାଳ ଗସ୍ତ ସମୟରେ କହିଥିଲେ। ତେବେ ଏହା କେବେ ପୂରଣ ହେଉଛି ଦେଖିବାକୁ ବାକି ରହିଲା।



# ପ୍ରଖର ଜଳସ୍ରୋତରେ ବୁଡ଼ିଲା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ



ନୀଳଗିରି, ୨୬/୧୦ (ନି.ପ୍ର): ବାତ୍ୟା 'ଦାନା' ପାଇଁ ନୀଳଗିରି ପ୍ରଶାସନ ପକ୍ଷରୁ ଉତ୍ତର ଓଡ଼ିଶାର ଅନ୍ୟତମ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ୩ଦିନ ପାଇଁ ବନ୍ଦ ରଖାଯାଇଛି । ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ଶୈବପୀଠ ବନ୍ଦ କରାଯାଇଥିବା ବେଳେ ଏହି ଦିନମାନଙ୍କରେ ପର୍ଯ୍ୟଟକଙ୍କୁ ଭିତରକୁ ଛଡ଼ା ଯିବନାହିଁ ବୋଲି ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ଶୁଭଶ୍ରୀ ରଥ କହିଛନ୍ତି । ଦୁଇଦିନ ଧରି ବାତ୍ୟା 'ଦାନା' ର ପ୍ରଭାବରେ ଶୈବପୀଠ ସ୍ଥଳୀ ବୁଡ଼ି ଜଳମଗ୍ନ ହୋଇଛି । ଏବଂ ପୀଠସ୍ଥଳୀ ନିକଟ ପୁରୁଣା ପାର୍କିଙ୍ଗ ଷ୍ଟାଣ୍ଡ ଓ ମୁଖ୍ୟ ଫାଟକ ଆଗରେ ଏହି ବାତ୍ୟାରେ ଗଛ ଉପାଡ଼ି ପଡ଼ିଥିବା ବେଳେ ଟ୍ରଷ୍ଟ ବୋର୍ଡ଼ ମ୍ୟାନେଜର ଶିଶିର କୁମାର ମିଶ୍ରଙ୍କ ଉଦ୍ୟମରେ ଗଛଗୁଡିକ କଟାଯାଇ ରାସ୍ତା ପରିଷ୍କାର କରାଯାଇଛି। ସ୍ଥିତି ସୁଧାରିବା ପରେ ଭକ୍ତଙ୍କ ପାଇଁ ଦର୍ଶନ ନିମନ୍ତେ ଦ୍ୱାର ଖୋଲାଯିବ ବୋଲି ସୂଚନା ମିଳିଛି।

# ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଆୟୋଜିତ ସଡକ ସୁରକ୍ଷା ଅଭିଯାନରେ ଇସ୍ପାତ ଜୋନ ଅଞ୍ଚଳର ପ୍ରାୟ ୨୫୦ କର୍ମଚାରୀଙ୍କ ଅଂଶଗ୍ରହଣ



ରାଉରକେଲା, ୨୬/୧୦ (ନି.ପ୍ର): ସେଲ ଆରଏସପିର ଷ୍ଟିଲ ମେଲ୍ଟିଂ ସପ-୨, ଷ୍ଟିଲ ମେଲ୍ଟିଂ ସପ-୨ ପ୍ରକଳ୍ପ ଓ କାଲସାଇନିଙ୍ଗ ପ୍ଲାଣ୍ଟ ବିଭାଗର ପ୍ରାୟ ୨୫୦ ଜଣ ଅଧିକାରୀ, କର୍ମଚାରୀ ଓ ଠିକା ଶ୍ରମିକ ଅକ୍ଟୋବର ୨୩ ତାରିଖରେ ଆୟୋଜିତ ଏକ ସଡକ ସୁରକ୍ଷା ସଚେତନତା ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହି ଅଂଶଗ୍ରହଣକାରୀମାନେ ଏକ ସୁଦୀର୍ଘ ମାନବ ଶୃଙ୍ଖଳ ଗଠନ କରିଥିଲେ। ଏହି ଅଭିଯାନରେ ଏସଏମଏସ-୨ ବିଭାଗର ସିଜିଏମ ଶ୍ରୀ ଟି ପି ଶିବଶଙ୍କର, ସିପି-୨ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଡ଼ି ମହାନ୍ତି, ସୁରକ୍ଷା ବିଭାଗର ଜିଏମ ଶ୍ରୀ ପି ଏସ ଥାକରେ ଏବଂ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅଭିଯାନରେ ନିରାପଦ ଗାଡି ଚାଳନା ସହିତ ନିର୍ଦ୍ଧାରିତ ଗତି ସୀମା, ରେଡ୍ ଲାଇଟ୍ ଉଲ୍ଲଂଘନ ନ କରିବା ଏବଂ ହେଲମେଟ୍ ଭଳି ପ୍ରତିରକ୍ଷା ଉପକରଣର ବ୍ୟବହାର ସମ୍ବନ୍ଧୀୟ ଦିଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସମ୍ବନ୍ଧୀୟ ସଚେତନ ବାର୍ତ୍ତା, ସ୍ଲୋଗାନ ସହିତ ପ୍ଲାକାର୍ଡ ଏବଂ ବ୍ୟାନର ପ୍ରଦର୍ଶିତ ହୋଇଥିଲା। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା ସୁରକ୍ଷା ଅଭ୍ୟାସକୁ ମଜବୁତ କରିବା ଏବଂ ସଂଗଠନ ମଧ୍ୟରେ ଏକ ଦୃଢ ସୁରକ୍ଷା ସଂସ୍କୃତି ପ୍ରତିପାଦନ କରିବା। କାରଖାନା ପରିସର ମଧ୍ୟରେ ସୁରକ୍ଷା ସଂସ୍କୃତିର ପ୍ରସାର ଏବଂ ସଡକ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ ସହିତ ସମସ୍ତଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏହି ସଡକ ସୁରକ୍ଷା ଅଭିଯାନ ର ଲକ୍ଷ୍ୟ ରହିଛି। ଏହି ଅଭିଯାନକୁ ସଂପୃକ୍ତ ବିଭାଗର ସୁରକ୍ଷା ଅଧିକାରୀ ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ମିଳିତ ରୂପେ ପରିଚାଳନା କରାଯାଇଥିଲା।

# କୁଡୁମୁଲୁଗୁମ୍ମା ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ଗଠିତ

ମାଲକାନଗିରି, ୨୬/୧୦ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ସ୍ଥିତ ଜଗନ୍ନାଥ ମନ୍ଦିରର ନିର୍ମାଣ, ପାରିପାର୍ଶ୍ୱିକ ଉନ୍ନତି, ନିତିକାନ୍ତି ଓ ଅନ୍ୟାନ୍ୟ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନିମନ୍ତେ ଏକ ସ୍ଥାୟୀ ଟ୍ରଷ୍ଟ ବୋର୍ଡ ଗଠନ ହୋଇଯାଇଛି। ଆଜି ରାମ ମନ୍ଦିର ପରିସରରେ ଗ୍ରାମ ନାୟକ ନୀଳକଣ୍ଠ ମାଝୀଙ୍କ ଆବାହକତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ସେ ନିଜେ ଅସ୍ଥାୟୀ ସଭାପତି ଭାବେ ବୈଠକ ପରିଚାଳନା କରି ଟ୍ରଷ୍ଟ ବୋର୍ଡ ସଦସ୍ୟ ଗଠନ ନିମନ୍ତେ ନିଜର ସମ୍ମତି ପ୍ରକାଶ କରିଥିଲେ। ପ୍ରସ୍ତାବକ ସଦସ୍ୟ ଭଗବାନ ସାହୁ ଓ ସଦସ୍ୟ ସାରଙ୍ଗଧର ରାଉତଙ୍କ ସମର୍ଥନରେ ଉକ୍ତ ଟ୍ରଷ୍ଟ ବୋର୍ଡର ପରିଚାଳନା ପରିଷଦର ସ୍ଥାୟୀ ସଭାପତି ଭାବେ ସ୍ଥାନୀୟ ତହସିଲଦାରଙ୍କ ନାମକୁ ଉଲ୍ଲେଖ କରିଥିଲେ ଓ ଏହା ସର୍ବ ସମ୍ମତି କ୍ରମେ ମଞ୍ଜୁରୀ ପ୍ରାପ୍ତ ହୋଇଥିଲା ବେଳେ ଉପ- ସଭାପତି ଭାବେ ସ୍ଥାନୀୟ ସରପଂଚ, ଗ୍ରାମ ନାୟକ ନୀଳକଣ୍ଠ ମାଝୀ, ରମାକାନ୍ତ ଧାକଡ, ସାଧାରଣ ସମ୍ପାଦକ ଭାବେ ଶୁଶାନ୍ତ କୁମାର ରଥ, ସହ ସମ୍ପାଦକ ଭଗବାନ ସାହୁ, କୋଷାଧ୍ୟକ୍ଷ ଜ୍ୟୋତି ରଞ୍ଜନ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି ଏବଂ ଉକ୍ତ ପରିଷଦର ସଦସ୍ୟ ଭାବେ ରମେଶ ଚନ୍ଦ୍ର ରଥ, ଗୋପୀନାଥ ଦାସ, ସାରଙ୍ଗଧର ରାଉତ,ବିଜୟ ପଟ୍ଟନାୟକ, ଗଣେଶ ପ୍ରସାଦ ଦାଶ, ହିମାଂଶୁ ଶେଖର ସ୍ୱାଇଁ, ଅଜୟ ପଟ୍ଟନାୟକ, ଜ୍ୟୋତି ରଞ୍ଜନ ବେହେରା, ଚିତ ରଞ୍ଜନ ମିଶ୍ର, ତପନ କୁମାର ମିଶ୍ର, ଦୂର୍ଗା ପ୍ରସାଦ ବାରିକ,ସନ୍ତୋଷ ମହାନ୍ତି ଓ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖଙ୍କୁ ମନୋନୀତ କରାଯାଇଛି । କମିଟିର ଆଇନ ପରାମର୍ଶଦାତା ଭାବେ ସ୍ଥାନୀୟ ଓକିଲ ଭକ୍ତ ଚରଣ ବନୀକ, ବରିଷ୍ଠ ନାଗରିକ କୃଷ୍ଣ ଚନ୍ଦ୍ର ରଥ, ଶରତ ଚନ୍ଦ୍ର ମିଶ୍ର ଓ ନରସିଂହ ମାଝୀଙ୍କୁ କମିଟିର ପରାମର୍ଶଦାତା ଭାବେ ମନୋନୀତ କରାଯାଇଛି । ନବଗଠିତ କମିଟିର ସଭାପତି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ ଓ ଆଗାମୀ ଦିନରେ ଏହି ଟ୍ରଷ୍ଟ ବୋର୍ଡକୁ ତୁରନ୍ତ ପଞ୍ଜିକୃତ କରିବା ଓ ମନ୍ଦିର ଗଠନ ପ୍ରକ୍ରିୟାକୁ ଆହୁରି କ୍ରିୟାଶୀଳ କରିବାକୁ ଚେଷ୍ଟା ଜାରି ରଖିବେ ବୋଲି ସୂଚନା ଦେଇଛନ୍ତି ।

# ଘର ଉପରେ ଗଛ ପଡ଼ି ଜଣେ ଯୁବକ ଆହତ

ଲଙ୍ଗଳେଶ୍ୱର , ୨୬/୧୦ (ନି.ପ୍ର): ବାତ୍ୟା ଦାନା ପ୍ରଭାବରେ ପ୍ରବଳ ପବନ ଯୋଗୁଁ ଘର ଉପରେ ଗୁରୁବାର ରାତିରେ ଭାଙ୍ଗି ପଡ଼ିଛି ଗଛ। ଏଥି ଯୋଗୁଁ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବାଲିଆପାଳ ବ୍ଲକ ଚୌମୁଖ ଗ୍ରାମର ଶତୃଘନ ପାତ୍ରଙ୍କ ଘର ଉପରେ ଗତ କାଲି ରାତିରେ ଭାଙ୍ଗି ପଡ଼ିଲା ନଡ଼ିଆ ଗଛ। ଶତୃଘନଙ୍କ ସାନଭାଇ ତପନ ପାତ୍ର ଗୁରୁତର ଆହତ ହୋଇଛନ୍ତି। ତପନ ରାତିରେ ଶୋଇଥିବା ବେଳେ ତାଙ୍କ ଶୋଇଥିବା ଘର ଉପରେ ଗଛ ଭାଙ୍ଗି ପଡିଥିଲା। ପରିବାର ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି ।

# କାର୍ଯ୍ୟର ଅବଧି ଶେଷ ପରେ ମଧ କାର୍ଯ୍ୟକ୍ଷମ ହେଉନି ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ

ଧର୍ମଶାଳା, ୨୬/୧୦ (ନି.ପ୍ର): ବିଜୁ ଜନତା ଦଳ ସରକାର ସମୟରେ କୃଷିକୁ କିଛି ମାତ୍ରାରେ ଗୁରୁତ୍ୱ ଦିଆଯାଇଥିଲା । ସରକାର ସମୟରେ ବହୁ ଜନକଲ୍ୟାଣ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ଏନେଇ ବିଭିନ୍ନ ଯୋଜନାରେ କୋଟି କୋଟି ବ୍ୟୟବରାଦ କରାଯାଇଥିଲା । ହେଲେ ବିଭିନ୍ନ ଯୋଜନା କାର୍ଯ୍ୟକ୍ଷମ ହେବା ପୂର୍ବରୁ ବନ୍ଦ ହୋଇଯାଇଛି । ଏବେ ସରକାର ବଦଳିଛି । ବନ୍ଦ ପ୍ରକଳ୍ପ କାର୍ଯ୍ୟକ୍ଷମ ନେଇ ଅଂଚଳବାସୀ ଆଶବାଦୀ ଅଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନ କାଳ ଶେଷ ୫ ବର୍ଷ କୃଷିକୁ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ଅର୍ଥକାରୀ ଫସଲ ଉତ୍ପାଦନ କରି କୃଷି କ୍ଷେତ୍ରରେ ଓଡିଶାକୁ ସ୍ୱାବଲମ୍ବି କରିବାରେ ସହାୟତା ନେଇ ଜମିରେ ଜଳସେଚନର ସୁବିଧା ପାଇଁ ପାବର୍ତତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ଯୋଜନା କରାଯାଇଥିଲା । ଏହି କ୍ରମରେ ଜଳ ସମ୍ପଦ ବିଭାଗ ଅଧିନରେ ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ ପାଇଁ କୋଟି କୋଟି ବ୍ୟୟବରାଦ କରାଯାଇଥିଲା । ପ୍ରଥମ ପାର୍ଯ୍ୟାୟରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଦେଓଦା ପଂଚାୟତସ୍ଥ ବାସୁଦେବପୁର ବ୍ରାହ୍ମଣୀ ଶାଖା କେଲୁଅ ନଦୀ ତଟରେ ପାର୍ବତୀଗିରି ଉଠା ଜଳସେଚନ ପ୍ରକଳ୍ପ ପାଇଁ ସ୍ଥାନ ନିରୂପଣ କରାଯାଇଥିଲା । ଏହି ପ୍ରକଳ୍ପ ହେବା ଫଳରେ ଖାଲି ଧର୍ମଶାଳା ବ୍ଲକ ନୁହେଁ ବରଂ ବରୀ, ରସୁଲପୁର ଓ ବଡଚଣା ବ୍ଲକର ବହୁ ପଂଚାୟତ ହଜାର ହଜାର ଚାଷୀ ଉପକୃତ ହୋଇ ପାରିବା ନେଇ ଲକ୍ଷ୍ୟ ରଖାଯାଇଥିଲା । ଧର୍ମଶାଳା ବ୍ଲକର ଉତରପ୍ରତାପ, ନରସିଂହପୁର, ଦେଓଦା, ମଙ୍ଗଳପୁର, ବରୀ ନିର୍ବାଚନ ମଣ୍ଡଳୀର ବ୍ରହ୍ମବରଦା, ବନ୍ଧଡିହ, ଗୋଳକୁଣ୍ଡ ଓ ବଡଚଣା ବ୍ଲକ ବଡବାଲିକୁଦା ପଂଚାୟତର ଜନକ ଆଦି ଅଂଚଳର ଶହଶହ ଚାଷୀ ଉପକୃତ ହୋଇପାରିବେ । ଏହାକୁ ଦୃଷ୍ଟିରେ ରଖି ୧୪୦୦.୩ ହେକ୍ଟର ଜଳସେଚନ କ୍ଷମତା ରହିଥିଲା । ୩୫.୧୨କୋଟି ଟଙ୍କା ଅଟକଳ ପରିମାଣରେ , ୨୧।୧୨।୨୦୧୫ ମସିହାରେ ବାସୁଦେବପୁର ଠାରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହାର ଦାୟିତ୍ୱ ଏଲ୍ ଆଣ୍ଡ ଟି କନଷ୍ଟ୍ରକସନ ଲିମିଟେଡ୍ କୁ ଠିକା ଦିଆଯାଇଥିଲା । ଏବଂ ଏହି ପ୍ରକଳ୍ପର କାର୍ଯ୍ୟ ଶେଷ ତାରିଖ ୩୦।୦୬।୨୦୨୨ ମସିହ ପର୍ଯ୍ୟନ୍ତ ଦିଆଯାଇଥିଲା । ହେଲେ ୨ ବର୍ଷ ହେବ କାର୍ଯ୍ୟର ଅବଧି ଶେଷ ହୋଇଯାଇଥିଲେ ମଧ ତାହା କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି । ଏବେ ଏଠାରେ ସିକ୍ୟୁରିଟି ଗାର୍ଡ ଜଗିବା ଦାୟିତ୍ୱରେ ରହିଛି । ତେବେ ଏତେ ବଡ ପ୍ରକଳ୍ପ ପଡି ରହିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାରଙ୍କ ଏଭଳି ଦାୟିତ୍ୱହୀତନା ପାଇଁ ଏହା ପଡି ରହିଥିବା ନେଇ ଆଲୋଚନା ହେଉଛି । ତେବେ ଏହି ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାର ବଦଳିବା ପରେ ଏହି ପ୍ରକଳ୍ପକୁ ନୂତନ ସରକାର ଦାୟିତ୍ୱ ନେଉ ନଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି । ଜିଲା ପ୍ରଶାସନ ଓ ନୂତନ ସରକାର ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ଜିଲ୍ଲା ରେଡକ୍ରସ୍ ସୋସାଇଟିର ଉପ-ସଭାନେତ୍ରୀଙ୍କୁ ନାଗରିକ ସମ୍ବର୍ଦ୍ଧନା

ସମ୍ବଲପୁର, ୨୬/୧୦ (ନି.ପ୍ର): ଜିଲ୍ଲା ରେଡକ୍ରସ୍ ସୋସାଇଟିର ନବ ନିଯୁକ୍ତ ଉପ-ସଭାନେତ୍ରୀ ପାର୍ବତୀ ସେଠ୍ ଙ୍କୁ ଆଜି ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବଲପୁର ସାଂସ୍କୃତିକ ସମାଜ, ପଶ୍ଚିମାଂଚଳ ପ୍ୟୁପୁଲ୍ସ ଫୋରମ୍, ସିଭିଲ୍ ସୋସାଇଟି, ମହାନଗର ନିଗମ ନାଗରିକ କମିଟୀ, ସଚେତନ ନାଗରିକ କମିଟୀ, ସମ୍ବଲପୁର ତରଫରୁ ଏହାର କର୍ମକର୍ତାମାନେ ଶ୍ରୀମତି ସେଠ୍ ଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଛନ୍ତି। ଓଡ଼ିଶା ସରକାରଙ୍କର ଭେଟର୍ନାରୀ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଡ. ରାଧାମୋହନ ସେଠୀ, ଓଡ଼ିଶା ସରକାରଙ୍କର ଜନଜାତି କଲ୍ୟାଣ ଶିକ୍ଷା ବିଭାଗର ଆଂଚଳିକ ନିର୍ଦ୍ଦେଶକ ଶିକ୍ଷାବିତ ଭକ୍ତ ପ୍ରସାଦ ନନ୍ଦ, ଭାରତୀୟ ଜୀବନ ବୀମା ନିଗମର ପୂର୍ବତନ ପ୍ରବନ୍ଧକ ପ୍ରସନ୍ନ ଆଚାର୍ଯ୍ୟ, ସର୍ବ ଭାରତୀୟ ବ୍ରାହ୍ମଣ ମହାସଭାର ପ୍ରବକ୍ତା ସାଧକ ସଦାନନ୍ଦ ପଣ୍ଡା ଓ ସଂସ୍କୃତି ଗବେଷକ ଡ. ସପନ ମିଶ୍ର ପ୍ରମୂଖ ଶ୍ରୀମତି ସେଠ୍ ଓ ତାଙ୍କ ସ୍ୱାମୀ ଭାରତୀୟ ଖାଦ୍ୟ ନିଗମର ପୂର୍ବତନ ପ୍ରାନ୍ତୀୟ ପ୍ରବନ୍ଧକ ଜିତେନ୍ଦ୍ର ସେଠ୍ ଙ୍କୁ ଭେଟି ଏହି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ସେମାନେ ଆଶା କରିଛନ୍ତି ଯେ, ଶ୍ରୀମତୀ ପାର୍ବତୀ ସେଠ୍ ଓଡ଼ିଶା ଅର୍ଥ ବିଭାଗର ଜଣେ ପୂର୍ବତନ ପ୍ରଶାସିକା ହୋଇଥିବାରୁ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତାକୁ ଜିଲ୍ଲା ରେଡକ୍ରସର କାର୍ଯ୍ୟରେ ଉପଯୋଗ କରି ଗରୀବ କଲ୍ୟାଣ ଓ ଅସହାୟଙ୍କୁ ସେବା ପ୍ରଦାନ କରିବେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୭ ଅକ୍ଟୋବର ୨୦୨୪
email :
rabibarachayan2015@gmail.com



## ଧାରାବାହିକ ଉପନ୍ୟାସ




# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୭୨

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ସୀତା କ'ଣ ସବୁଦିନ ପାଇଁ ରାବଣର ଏ ଅଶୋକବନରେ ବନ୍ଦିନୀ ହୋଇ ରହିଥିବ ? ସେତେବେଳକୁ ଅଶୋକବନର ରହଣୀ ମୋର ଦୁଇବର୍ଷ ପୂର୍ଣ୍ଣ ହୋଇଗଲାଣି ସୁଧାମୟୀ । ସ୍ୱାମୀଙ୍କ ଦର୍ଶନ ପାଇ, ତାଙ୍କ ତୁଣ୍ଡରୁ ପଦଟିଏ ମଧୁବୋଳା କଥା ଶୁଣିବାପାଇଁ, ତାଙ୍କ ଓଷ୍ଠାଧାରରୁ ଝରି ପଡୁଥିବା ସୁଧାମୃତକୁ ପାନ କରିବାପାଇଁ, ମନ ମୋର ବ୍ୟାକୁଳ ହେଉଥାଏ । ବିଧି କ'ଣ ସତରେ ମୋତେ ସେ ସୁଖରୁ ବଞ୍ଚିତ କରିବେ ? ରାବଣର କ'ଣ ସତରେ ମୃତ୍ୟୁ ନାହିଁ । ଛପନ ଗଣ୍ଡା ଯୁଗକୁ ବଞ୍ଚିବାପାଇଁ ସେ ବର ପାଇଛି । ବ୍ରହ୍ମାଙ୍କ ବଳରେ ବଳୀୟାନ ରାବଣ ଯଦି ନମରେ, ତାହେଲେ ସୀତା ଉଦ୍ଧାର ଅସମ୍ଭବ । ତଥାପି ମୋ ପ୍ରଭୁଙ୍କ ଉପରୁ ମୋର ଭରସା ତୁଟୁନଥାଏ । ବ୍ରହ୍ମାସ୍ତ୍ରର ଅଧିକାରୀ ସ୍ୱାମୀ ମୋର ନିଶ୍ଚୟ ରାବଣକୁ ବିନାଶ କରିବେ । ହେଲେ ମୁଁ ଯାହା ଅନୁଭବ କରୁଥାଏ ବ୍ରହ୍ମାସ୍ତ୍ର ବୋଧେ ରାବଣକୁ ନାଶ କରିବା ପାଇଁ ଅସମର୍ଥ । ଦୈନିକ ମୋ କର୍ଣ୍ଣରେ ସକାଳ ସନ୍ଧ୍ୟାରେ ଝଙ୍କୃତ ହେଉଥାଏ ମୋ ସ୍ୱାମୀଙ୍କ ନାମରେ ଜୟଧ୍ୱନି । ବାନରସେନାମାନେ ଜୟ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଜୟ ବୋଲି ବାରମ୍ବାର ଧ୍ୱନି ଦେଇ ଲଙ୍କାର ବାୟୁମଣ୍ଡଳକୁ ପ୍ରକମ୍ପିତ କରୁଥାନ୍ତି । ପ୍ରତ୍ୟେକ ମୁହୂର୍ତ୍ତରେ ମୁଁ ଭାବୁଥାଏ ରାବଣର ମୃତ୍ୟୁ ହୋଇଗଲା କି ? କିନ୍ତୁ ଖବର ପାଏଁ ଆଜିର ଯୁଦ୍ଧରେ କେହି କାହାରିକୁ ପରାଜିତ କରିପାରିଲେ ନାହିଁ । ଅଶୋକବନରେ ଥାଇ ନିଜକୁ ମୁଁ ଆଉ ନିଜ ଭିତରେ ରଖିପାରୁ ନଥାଏ । ଶେଷରେ ମାଆ ତ୍ରିଜଟାକୁ ଡାକି କହିଥିଲି, ମାଆ ତୁମେ ସବୁ ସମୟରେ ମୋତେ ସହାୟ ହୋଇ ଆସିଛ । ଆଜି ତୁମକୁ ଗୋଟାଏ ଅନୁରୋଧ କରିବି, ମୋ କଥା ରଖିବ ମାଆ ?

ମୋ କଥା ଶୁଣି ହସିହସି ସେ କହିଥିଲେ ତୋର କେଉଁ କଥା ମୁଁ ନରଖିଛି କହ ମାଆ ଜାନକୀ । ଯେତେବେଳେ ତୁମେ ଯାହା ଚାହିଁଛ ମୁଁ ମୋ ସାଧ ମୁତାବକ ତୁମକୁ ଯୋଗାଇ ଦେଇଛି । ତୁମ କଥାନୁସାରେ କାର୍ଯ୍ୟ କରିଛି । ଏବେ କୁହ ଏ ରାକ୍ଷସୀ ମାଆ ତୁମର କେଉଁ କାମ କରିବ ?

ତୁମେତ ଦେଖୁଛ ମୋ ପ୍ରଭୁଙ୍କ ସହିତ ଦୀର୍ଘ ନ'ଦିନ ଧରି ଲଙ୍କେଶ ଯୁଦ୍ଧ କଲେଣି । ଏ ଯୁଦ୍ଧରେ ରାବଣକୁ ଜିଣିଯିବାର ଶକ୍ତି ମୋ ପ୍ରଭୁଙ୍କ ଠାରେ ଅଛି । ହେଲେ ସେ କାହିଁକି ଯୁଦ୍ଧରେ ରାବଣକୁ ନାଶ କରିପାରୁ ନାହାନ୍ତି, ଏକଥା ତୁମେ ମୋ ସ୍ୱାମୀଙ୍କ ନିକଟକୁ ଯାଇ ଥରେ ତାଙ୍କୁ ପଚାରି ଆସିପାରିବ ?

ମୋ କଥା ଶୁଣି ମାଆ ତ୍ରିଜଟା କହିଥିଲେ, ଦେବୀ ସୀତେ ! ତୁମେ ଯାହା କହିଲ ତାହା ସତ୍ୟ । ମୁଁ ମଧ ଜାଣେ ତୁମର ସ୍ୱାମୀଙ୍କ ଶକ୍ତି କେତେ । ଏକଥା ମଧ ଜାଣେ ଲଙ୍କେଶ ଦୈନିକ ରାତ୍ର ଉଜାଗରରେ ରହି ଶିବଙ୍କୁ ପ୍ରାର୍ଥନା କରି ପ୍ରଭାତରେ ଯୁଦ୍ଧଯାତ୍ରା କରୁଛନ୍ତି । ଉଭୟେ ବୀର । କେବଳ ବୀର ନୁହଁନ୍ତି, ମାଆ ମହାବୀର । ହେଲେ ମୁଁ ବୁଝିପାରୁ ନାହିଁ ଏ ଯୁଦ୍ଧର ସମାପ୍ତି ଘଟୁନାହିଁ କାହିଁକି ? ନିଜର ପୁତ୍ର, ପୌତ୍ର, ଭ୍ରାତା, ଆତ୍ମୀୟସ୍ୱଜନ ସମସ୍ତଙ୍କୁ ହରାଇ ମଧ ରାବଣ ବିଷଣ୍ଣ ନୁହେଁ । ଦ୍ୱିଗୁଣ ଉତ୍ସାହରେ ସେ ଦୈନିକ ରଥ ଆରୋହଣ କରି ଯୁଦ୍ଧ ଯାତ୍ରା କରୁଥିବାର ମୁଁ ଦେଖୁଛି । ହେଲେ ମୁଁ ଜାଣିପାରୁ ନାହିଁ ଏ ଯୁଦ୍ଧ କେବେ ସରିବ ? ତୁମେ ମୋତେ ଯେଉଁ କଥା କହିଲ ମୁଁ କ'ଣ ଏତେବଡ଼ ଗୁରୁଦାୟିତ୍ୱ ତୁଲାଇ ପାରିବି ମାଆ ? ମୁଁ କ'ଣ ଯାଇ ତୁମ ସ୍ୱାମୀଙ୍କୁ ପଚାରି ପାରିବି, ହେ ରଘୁକୁଳ ତିଳକ ପ୍ରଭୁ ରାମଚନ୍ଦ୍ର । ଆପଣ ମହାଶକ୍ତିର ଅଧିକାରୀ ହୋଇ, ଲଙ୍କାକୁ ବୀରଶୂନ୍ୟ କରି ଦେଇ ସାରିବା ପରେ ଏକାକୀ ରାବଣକୁ ମାରିପାରୁ ନାହାନ୍ତି କାହିଁକି ? ଏତେବଡ଼ ଧୃଷ୍ଟତା ମୁଁ କ'ଣ କରିପାରିବି ମାଆ ସୀତା ।

ତୁମକୁ ମୋ ରାଣ ରହିଲା ମାଆ ତ୍ରିଜଟା । ତୁମେ ତୁମ ଝିଅର ଏତିକି କାମଟି କରିଦିଅ । ରାଣ ପକାଇ ଦିଅନ୍ତେ ମାଆ ତ୍ରିଜଟା କହିଥିଲେ ତୁ ଏ କ'ଣ କଲୁ ଲୋ ମାଆ । ଶେଷରେ ତୁ ମୋତେ ଏ କାମ ପାଇଁ ତୋ ରାଣ ଦେଇଦେଲୁ । ହେଉ ମାଆ ତୋ କଥା ମାନି ମୁଁ ଆଜି ସନ୍ଧ୍ୟାରେ ତୋ ସ୍ୱାମୀଙ୍କ ପାଖକୁ ଯିବି । ଯୁଦ୍ଧ ଶେଷରେ ତୋ ସ୍ୱାମୀ ଶିବିରରେ ବିଶ୍ରାମ ନେଉଥିବା ସମୟରେ ମୁଁ ତାଙ୍କୁ ଏ ପ୍ରଶ୍ନ ପଚାରି ଆସିବି । ଏହାକହି ସେ ମୋ ପାଖରୁ ବିଦାୟ ନେଇ ଚାଲି ଯାଇଥିଲେ । ତାଙ୍କ ଫେରିବା ପଥକୁ ମୁଁ ଅନାଇ ରହିଥାଏ । କେତେବେଳେ ସେ ମୋ ସ୍ୱାମୀଙ୍କ ନିକଟରୁ ଫେରି ଆସିବେ । ଅତ୍ୟନ୍ତ ଗୋପନରେ, ସନ୍ତର୍ପଣରେ ମା' ତ୍ରିଜଟା ମୋ ପ୍ରଭୁଙ୍କ ନିକଟକୁ ଯାଇ ନିଜର ପରିଚୟ ଦେଇଥିବେ । ତ୍ରିଜଟାକୁ ଅସୁରୁଣୀ ଭାବି ଯଦି ସେ ଅସମ୍ମାନ କରନ୍ତି ? ନା ରଘୁକୁଳ ତିଳକ, ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ମୋର ସେପରି କାର୍ଯ୍ୟ କେବେ କରିନଥିବେ । ଯିଏ ସୂର୍ପଣଖା ଭଳି ଅସୁରୀକୁ ସମ୍ମାନର ସହିତ ଲଙ୍କାକୁ ଫେରାଇ ଦେଇଥିଲେ, ସେ କ'ଣ ମା' ତ୍ରିଜଟାକୁ ଅସମ୍ମାନ କରିବେ ? ତ୍ରିଜଟାର ଫେରିବା ପଥକୁ ମୁଁ ଅନାଇ ରହିଥାଏ । ସନ୍ଧ୍ୟା ଯାଇ ରାତ୍ରି କ୍ରମେ ବଢ଼ିବଢ଼ି ଆସୁଥାଏ । ଯେତିକି ରାତି ବଢୁଥାଏ, ମୋର ହୃତ୍‌କମ୍ପନ ସେତିକି ମାତ୍ରାରେ ବଢ଼ିବଢ଼ି ଚାଲିଥାଏ । ଅଶୋକବେଦୀ ମୂଳରେ ମୁଁ ଏପଟ ସେପଟ ହୋଇ ଘୂରି ବୁଲୁଥାଏ ମାଆ ତ୍ରିଜଟାର ପଥକୁ ଚାହିଁ । ନିଶାର୍ଦ୍ଧ ସମୟକୁ ଫେରି ଆସିଥିଲେ ସେ । ତାଙ୍କୁ ଦେଖି ମୁଁ ଅତ୍ୟନ୍ତ ଆଗ୍ରହର ସହିତ ପଚାରିଥିଲି, ମୋ ପ୍ରଭୁଙ୍କ ସହିତ ସାକ୍ଷାତ ହେଲା ତ ? ସେ ଆପଣଙ୍କୁ ଅସମ୍ମାନ କରି ନାହାନ୍ତି ତ ?

ଦୀର୍ଘଶ୍ୱାସ ଛାଡ଼ି ମା' ତ୍ରିଜଟା କହିଥିଲେ, ମୁଁ ଯଦି ତୋ ନାମ ତୁଣ୍ଡରେ ନନେଇଥାନ୍ତି, ତା'ହେଲେ ମୋତେ ସେ ଲଙ୍କାପୋଡ଼ା ବାନର ସେଇଠି ମୋ ବେକମୋଡ଼ି ନିଃଶେଷ କରି ଦେଇଥାନ୍ତା । ମୁଁ ଯେତେବେଳେ କହିଲି, ହେ ରାମ ଭକ୍ତ ହନୁମନ୍ତ ତୁମେ ରାମର ପୂଜାରୀ ହେଲେ ମୁଁ ସୀତା ମାତାର ପୂଜାରିଣୀ । ମୋତେ ମୋ ମା' ପଠାଇଛନ୍ତି ପ୍ରଭୁ ଶ୍ରୀରାମଙ୍କୁ ସାକ୍ଷାତ କରିବାକୁ । ତୁ ଯଦି ମୋତେ ତାଙ୍କ ପାଖକୁ ନଛାଡ଼ିବୁ ତାହେଲେ ମୁଁ ଏହିଠାରେ ପାଟିକରି ଚିତ୍କାର କରିବି । ମୋ କଥା ଶୁଣି ହନୁମାନ ଧାଇଁଯାଇ ତୋ ପ୍ରଭୁଙ୍କ ପାଖରୁ ଆଦେଶ ପାଇ, ମୋତେ ନେଇ ତାଙ୍କ ପାଖରେ ପହଞ୍ଚାଇ ଦେଇଥିଲା । ତୁମ ମୁଖରୁ ତୁମ ସ୍ୱାମୀଙ୍କ ନାମ ମୁଁ ଶୁଣିଥିଲି ମା' ସୀତେ, ଥରଟିଏ ମାତ୍ର ତାଙ୍କୁ ଦେଖିଥିଲି । ଆଜି ତାଙ୍କୁ ଦର୍ଶନ କରି ମୋ ନୟନ ମନ ସାର୍ଥକ ହୋଇଗଲା । ମର୍ତ୍ତ୍ୟରେ ଏପରି ନାରାୟଣ ରୂପୀ ଯେ ନର ଜନ୍ମ ଲାଭ କରିଥିବେ, ତାହା ମୁଁ ବିଶ୍ୱାସ କରିପାରିଲି ନାହିଁ । ମନେମନେ ପ୍ରଶଂସା କଲି ତାଙ୍କ ପିତା ଦଶରଥ, ମାତା କୌଶଲ୍ୟାଙ୍କୁ । ଧନ୍ୟ ସେ ପିତାମାତା । କେଉଁ ଜନ୍ମରେ କେତେ ପୁଣ୍ୟ ସେ ଅର୍ଜନ କରିଥିଲେ କେଜାଣି ରାମଚନ୍ଦ୍ରଙ୍କୁ ସେମାନେ ପୁତ୍ର ରୂପରେ ପାଇ ପାରିଛନ୍ତି । ତୋ ସ୍ୱାମୀଙ୍କ ସମ୍ମୁଖରେ ଛିଡ଼ା ହୋଇ ମୋ ନେତ୍ର ଯେତେବେଳେ ତାଙ୍କ ରୂପଶୋଭାକୁ ଦର୍ଶନ କଲା, ସେ ରୂପକୁ ମୁଁ ନୟନରେ ପାନ କରିଗଲି ଲୋ ମାଆ । ସତେଯେମିତି ସ୍ୱର୍ଗର ଅମୃତ ପୂରି ରହିଛି ସେ ଶରୀରରେ । ତାଙ୍କ ମୁଖମଣ୍ଡଳର ଶୋଭା, ନୟନର ଜ୍ୟୋତି, ମସ୍ତକର କେଶଦାମ, ଅଧରର ସୁରଂଗ, ଭ୍ରୂଲତାର ଠାଣି, ଆଜାନୁଲମ୍ବିତ ଭୁଜ, ସର୍ବୋପରି ତାଙ୍କର କଞ୍ଜ ପଦ ଯୁଗଳ ଦର୍ଶନରେ ମୋ ନେତ୍ର ଧନ୍ୟ ହୋଇଗଲା । ପାଟିରୁ ମୋର ବଚନ ସ୍ଫୁରି ନଥିଲା ।

(କ୍ରମଶଃ)

❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଆଲୋଚନା

# କବିତା ଏକ ସୁକୁମାର ଜୀବନନିଷ୍ଠ କଳା

ଶୁଭ୍ରଜିତ୍ ରାୟ



କବିତା ଜଗତ ଓ ଜୀବନର ସଂଯୋଗ ସେତୁ । ଯୁଗଯୁଗ ଧରି କବିଟିଏ ଏମିତି କବିତା ଲେଖି ଆସିଛି; କେତେବେଳେ ଶ୍ଲୋକରେ ତ, କେତେବେଳେ ଛନ୍ଦରେ ... ତେବେ ଛାନ୍ଦସିକତା ହେଉ କିମ୍ବା ଲାଳିତ୍ୟମୟ ହେଉ କବିତାର ମାଧୁର୍ଯ୍ୟଗୁଣ ହିଁ ପାଠକକୁ ଜାବୁଡ଼ି ଧରେ । କବି ପାଇଁ ଖୋଲି ଦିଏ ଚଉଦିଗର ଦ୍ୱାର... ସେଥିରେ କୌଣସି ବାଧା ନ ଥାଏ କି ନିର୍ଦ୍ଦିଷ୍ଟ ଗୋଟିଏ ପଥ ନ ଥାଏ ବରଂ କବିତାର ଧାରା ଦିଗନ୍ତ ପ୍ରସାରୀ ହୋଇଥାଏ । ଏକ ପରିବର୍ତ୍ତିତ ସମୟର ସ୍ପନ୍ଦନକୁ ନେଇ ସ୍ରଷ୍ଟା ପୁରୁଷଟିଏ କଲମ ଧରିଲା ବେଳେ ଦୃଷ୍ଟି ସମ୍ମୁଖରେ ଘଟି ଯାଉଥିବା ଘଟଣା ସମୂହକୁ ନିଜର କଳାତ୍ମକ ଭାବବୋଧରେ ରୂପାୟିତ କରିଥାଏ ।

ତେବେ ସମୟର ବିବର୍ତ୍ତନ ଧାରାରେ ଉଭୟ ଆଙ୍ଗିକ ଓ ଆତ୍ମିକ ପକ୍ଷ ପରିବର୍ତ୍ତନ ହେବା ସ୍ୱାଭାବିକ । ସମକାଳୀନ ସମୟର ଆହ୍ୱାନ କବି କଲମକୁ ଚଳଚଞ୍ଚଳ କରୁଥିବା ବେଳେ କାବ୍ୟମୋଦୀ ପାଠକ ପ୍ରାଣରେ ତାହା ପ୍ରତିଫଳିତ ହୋଇଥାଏ । କବିଟିଏ ନିତ୍ୟ କାଳର ସ୍ରଷ୍ଟା । ଗୋଡିରୁ ଗିରି, ଦରଜାରୁ ଦିଗବଳୟ, ବିନ୍ଦୁରୁ ସିନ୍ଧୁ, ଅବନୀରୁ ଆକାଶ ଏବଂ ପାର୍ଥିବରୁ ଅପାର୍ଥିବ ଜଗତ ପର୍ଯ୍ୟନ୍ତ ଏକ ଅନୁସନ୍ଧିତ୍ସୁ ଭାବ ନେଇ ଅନୁସନ୍ଧାନ କରିଥାଏ । ଏକ ଶାଶ୍ୱତ ସତ୍ୟକୁ ପ୍ରତିବିମ୍ବିତ କରିବାର ଆକାଂକ୍ଷାଟିଏ କବି ହୃଦୟରେ ରହିଥାଏ ।

ଭାରତୀୟ ଦର୍ଶନରେ, ପ୍ରାଚୀନ କାବ୍ୟ ସାହିତ୍ୟରେ କବି ମାତ୍ରେ ହିଁ ତ୍ରିକାଳଦର୍ଶୀ । ଅତୀତକୁ ବର୍ତ୍ତମାନରେ, ବର୍ତ୍ତମାନକୁ ଅନାଗତ ଭବିଷ୍ୟତରେ ରଖି ପ୍ରତିଭାନ ଚକ୍ଷୁରେ ଗୋଟିଏ ସୂତ୍ରରେ ବାନ୍ଧି ରଖିପାରେ । ତେଣୁ କବିତାରେ ବର୍ଣ୍ଣିତ ବିଷୟ ପ୍ରସଙ୍ଗ କବିକୁ କେବଳ ନୁହେଁ ସମୟକୁ, ଯୁଗକୁ ଲଂଘନ କରି ଏକ ପ୍ରାମାଣିକ ରୂପଟିଏ ରହିଯାଏ କାଳ ବକ୍ଷରେ, ହୁଏତ ତାହା କବିତା ହୋଇପାରେ କିମ୍ବା ସାହିତ୍ୟର ଅନ୍ୟାନ୍ୟ ବିଭବ ହୋଇପାରେ । ଏହି ଦୃଷ୍ଟିରୁ କବି ଓ କବିତାର ସଂପର୍କ ଯେତିକି ନିବିଡ ସେତିକି ଆତ୍ମୀୟ । ସତେ ଯେପରି ଶରୀର ସହିତ ଆତ୍ମାପରି ଓ ସୂର୍ଯ୍ୟ ସହିତ ତା'ର ରଶ୍ମୀ ପରି ।

କବିତାରେ କବିର ଲକ୍ଷ୍ୟଥାଏ ପାଠକକୁ ଆନନ୍ଦ ଦେବା ସହ କିଛି ସାମାଜିକ ସଚେତନ ଭାବ ସୃଷ୍ଟି କରିବା । ପ୍ରକୃତି, ସୌନ୍ଦର୍ଯ୍ୟ, ନାରୀ, ପ୍ରେମ, ଈଶ୍ୱରଙ୍କ ସହ ସମସ୍ତ ଜଗତର ପ୍ରସାରିତ ଇଲାକା ଭିତରେ ଦେହରୁ ବିଦେହୋତ୍ତର ଜଗତକୁ ଉତ୍ତରଣ କରିବା । ଯେଉଁଠି ଦୁଃଖ, ଯନ୍ତ୍ରଣାର କରୁଣ ସ୍ୱର ନଥାଏ, ଯାହା ପାଠକୀୟ ଚେତନାକୁ ଉଦବୋଧିତ କରିପାରେ ।

କବିତା ଏପରି ଏକ କଳା; ଯାହା ଧୂଳିମାଟିର ପଙ୍କିଳ ପରିବେଶରୁ ଝଡଝଞ୍ଜାର ବିଷାଦମୟ ପରିସ୍ଥିତି ବାଟ ଦେଇ ବିଶ୍ୱ ଚେତନାକୁ ଛୁଇଁପାରେ । ସେଠି ରାସ୍ତାଟିଏ ଖୋଲିଯାଏ ପୀଢ଼ିରୁ ପୀଢ଼ିକୁ, ଯୁଗରୁ ଯୁଗକୁ ଏବଂ ଗୋଟିଏ ଭୂଖଣ୍ଡରୁ ଅନ୍ୟ ଏକ ଭୂଖଣ୍ଡକୁ... ଯେଉଁଠି କବି ଘୋଡାର ଲଗାମ ଧରିବା ପରି ବାଟ କଢାଇ ନିଅନ୍ତି ଅଚେତନ, ସଚେତନ, ଅବଚେତନ ମନର ଦୃଶ୍ୟାତିତ ଇଲାକାକୁ...।

କବିତାର ଭୂମି ସବୁବେଳେ ସୁଦୃଢ଼ , ଶକ୍ତ ଏବଂ ଉର୍ବର । ତେଣୁ ଏହି ଉର୍ବର ଉପତ୍ୟକାରେ କବି ଚଷୁଥିବା ଭାବ ବୀଜଗୁଡିକ ଯେତେବେଳେ ଅଙ୍କୁରିତ ହୁଏ ସେତେବେଳେ ତାହା ଭିନ୍ନ ରୂପରେ ପ୍ରତିଭାତ ହୁଏ । କବିତାର ଅୟଂଆରମ୍ଭ କେଉଁ ଅନାଦି କାଳରୁ ଜଣାନାହିଁ । ବାଲ୍ମୀକି ତୀରବିଦ୍ଧ କ୍ରୋଞ୍ଚ ପକ୍ଷୀକୁ ଦେଖି କ'ଣ ଦିପଦ ମୁଖ-ନିସୃତ ବାଣୀ କହି ଦେଲେ ଯେ ଯାହା ଆଜି ପ୍ରଥମ କାବ୍ୟସ୍ରଷ୍ଟା ରୂପେ ତାଙ୍କୁ ଚିହ୍ନିତ କରେ, ତେଣୁ ସେହି ସମୟରୁ ଆସିଥିବା କବିତାର ସୁଧା ଧାରା ସଂପ୍ରତି ଏଯାବତ୍ ଅନତିକ୍ରମଣୀୟା ।

"କବିତା ନବାର୍ଥ ଦ୍ୟୋତକ ବସ୍ତୁ ନିର୍ମାଣ । ଭାବକୁ ବସ୍ତୁବତ୍ ଦେଖେ, ହୃଦୟରେ ଧାରଣ କରେ, ଘସେ-ମାଜେ, ଚହଟାଏ ଓ ପରେ ମୂର୍ତ୍ତିମନ୍ତ କରି ଚିତ୍ରଣ କରେ । କବିତା ଜୀବନଜଗତ, ସତ୍ୟ, ସ୍ମୃତି, ସୌହାର୍ଦ୍ଦ ଓ ସୌନ୍ଦର୍ଯ୍ୟ ଅବବୋଧକାରକ ହୋଇଉଠେ ।' କବିତା ଯେଉଁଠି ଥିଲେ ବି ସେ କବିତା।' ଯେଉଁଠିକୁ ଗଲେ ସଚେତନ ମାର୍ଗଟି ତା' ଦ୍ୱାରା ଖୋଲିଯାଏ । କାରଣ କବି ଚାହେଁ ନିଜ ପରମ୍ପରା ସହ ଯୋଡି ହୋଇ ରହିବାକୁ । ବେଳେବେଳେ ଯଦିଓ ସେ ଏଥିରୁ ବାହାରି ଯାଏ ତଥାପି ପରମ୍ପରା ଭୂମିରୁ ରସ ସଂଗ୍ରହ କରି କବିତା ରଚନା କରେ । ପୂର୍ବସୂରୀମାନେ ମଧ ପଥପ୍ରଦର୍ଶକ ଭାବେ ନୂତନ ପଥକୁ ଚିହ୍ନଟ କରନ୍ତି । କବିଟି ସେ ପଥ ଅନୁସରଣ କରେ, ଫଳରେ କବିକର୍ମ ତା'ର ଅନୁକୂଳ ହୁଏ।

❤ ଶାସନୀପଡା, ମାର୍ଶାଘାଇ
କେନ୍ଦ୍ରାପଡ଼ା
ମୋ: ୭୬୦୮୮୫୩୪୩୬

## କବିତା...

### ॥ ପ୍ରଜାପତି ଡେଣାରେ ଖରା ॥

ବୃନ୍ଦାବନ ଦାସ



ଖରା କେତେବେଳେ
କାକର ବୁନ୍ଦାରୁ ଆସି ସବାର ହୋଇ
ସାରିଥାଏ
ପ୍ରଜାପତିର ଡେଣାରେ
ଫୁଲସବୁ ଝଟକୁ ଥାଆନ୍ତି ବିଭିନ୍ନ ରଙ୍ଗରେ
ପ୍ରଜାପତି ଫୁଲ ହୋଇ, ଫୁଲଙ୍କ ମେଳରେ
ଉଡି ବୁଲୁଥାଏ ଶାଖାରୁ ଶାଖା ।

ଫୁଲ ଫୁଟି ନଥାନ୍ତି ମଉଳିବା ପାଇଁ
ମଉଳିବା ଆଗରୁ
ଚହଟେଇ ଦେଇଥାନ୍ତି ବାସ ।

ପ୍ରଜାପତିର ଡେଣାରେ ଚିକ୍ ଚିକ୍ କରୁଥାଏ
ମୟୁର ଚନ୍ଦ୍ରିକା ତ'
ପୁଣି ଚକାଆଖିର ଛବି
ଜଗତ ଦର୍ପଣ ଯେଉଁଠି
ଫୁଟି ଉଠୁଥାଏ ସାରା ଦୁନିଆର ଚିତ୍ର ।

କିଏ ଆଙ୍କିଦିଏ ଚିତ୍ର
ପ୍ରଜାପତିର ଡେଣାରେ
ସୁନ୍ଦରତା ଭରିଦିଏ
ଫୁଲ ପଖୁଡାରେ ଜହ୍ନର ଓଠରେ
ଅନ୍ଧାର ରାତିର
ଆକାଶ ଛାତିରେ ଟିକି ଟିକି ତାରା
ଭୋର୍ ଆକାଶରୁ ଅସ୍ତରାଗ
ଚିତ୍ରିତ ରକ୍ତିମ ଆଭା ।

ଆଖି ଖୋଲିଲେ ଆଲୁଅ
ଆଖି ବୁଜିଦେଲେ ?
ଆଲୁଅ ଅନ୍ଧାର ଏକାକାର
ଖରାଧାସରେ ଜଳି ଯାଉଥିବା ଜୀବନ।


ଅସରନ୍ତି ରାସ୍ତାରେ ଲାଗିଥାଏ
ଦୌଡ ଯେ ଦୌଡ
ରକ୍ତ ଜୁଡୁବୁଡୁ ଅନେକ କ୍ଷତାକ୍ତ ପାଦ
ଦୌଡ ସରେନା
କି ଲୋଭ ମରେନା
ଭିଡ ଦୌଡ ଧାଡିରେ ନଥିବା ମଣିଷ ?
କେବଳ ଆଖିଖୋଲି ଦେଖୁଥାଏ
ପ୍ରଜାପତିର ମୁଗ୍ଧ ଉଡାଣ ।

ଥକ୍କା ମାରୁଥାଏ କ୍ଳାନ୍ତ ଅପରାହ୍ନ
ସଞ୍ଜ ଫେରନ୍ତା
ପାଦସବୁ ଘରମୁହାଁ ହେଲା ବେଳକୁ
କଅଁଳ ଖରାର
ସବାଶେଷ ରଶ୍ମି ଟିକକ ବି
ଲାଖି ରହିଥାଏ ପ୍ରଜାପତିର ଡେଣାରେ
ବିବଶ ହୋଇ ସାରିଥାଏ
ଦିନଯାକର ଖରା ।

❤ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ - ୯୭୭୭୮୪୩୦୩୧

### ॥ ପୃଥକ ॥

ବିଜୟ ମହାପାତ୍ର



ଘରୁ ବାହାରିଯିବା
ଛିନ୍‌ଛୁଟିଆ ଶବ୍ଦଙ୍କ ପବନଠାରୁ, ପିତୃବ୍ୟ
ଖାନଦାନିର ଅବଶୋଷରୁ
ନିଜକୁ ଅଲଗା କରିବା
ପେଟ ଭିତରେ ଗୋଇଠା ମାରି ଗୋଡବାଟେ
ବାହାରି ଆସିବା ଝାଳସରସର ହୋଇ,
ନିଜର ଛାଇଠାରୁ ଦୂରେଇଯାଇ ଛାମୁଡିଆ
ତଳେ ନଥକିନା ବସିପଡିବା
ବଡ଼ କଥା ନୁହେଁକି ?

ପାଉଁଶରେ ଚିତ୍ରିତ କାପାଳିକର
କପାଳ ତ ନୁହେଁ ମୁଁ ?
ବିସ୍ଫୋରିତ ଇଚ୍ଛାମାନଙ୍କ
ସଁ ସଁ ଝାଉଁବଣକୁ ପୋଡିଜାଳି
ତମ୍ପଭଳି ଜାରଜ ହୋଇ
ନିଜ ଚୌକାଠରେ ଲାଗିଥିବା କୁଟିକମକୁ
ତେଜ୍ୟ କରି, ଆଉ କାହା ରାଗ
ସୁଲୁଝେଇବାକୁ
କାହା କବାଟ କଣରେ ଫଣା ଟେକି
ଠିଆହେବା
ନଖରାଜିକୁ ନିଜର କରିନେବା ଅଚାନକ
କଣ କମ୍ କଥା !

ସେଇ ଶିଶୁଟି ବିଭଳିତ
ସେଇ ଅଶ୍ଳୀଳ ଗୀତଟି
ପୁରାତନ ଘର ଯାହା ମରାମତି ଅଭାବରୁ
ଶଙ୍କିତ ଭୂକମ୍ପରେ ବୋହୂଚୋରି ଖେଳ !

ଏବେ ମୋ ପାଦସାରା ଝୁଣ୍ଟିଆନାହିଁ,
ଫୁଲଙ୍କ ଲତାର ଜାବ,
ହତବାକ୍ ଅଭିମାନିନୀ ମୁଁ
ନାଁ ଶୋଇପାରୁଚି
ଉଠପଡ଼ ହେଉଚି ମୋର ଅଭିସାର,
ନୂଆ ନୂଆ ବାସ୍ନାଙ୍କ କରତାଳିରେ
ପୃଥକ ହେଉଚି ପବନ,
ପୃଥୁଳ ଗୋଛି କଟାଯାଇଥିବା ଗଛମାନେ
ଶବହୋଇ ଗଦା ହୋଇଛନ୍ତି ଜଙ୍ଗଲରେ
କେଉଁ କାରଖାନା ଉଠବସ
ହେଉଛନ୍ତି ସରକାରୀ ବ୍ୟବସ୍ଥାର
ଝୁଲନ୍ତ ନ୍ୟାୟରେ !
ମାଟିତଳେ ଲୁଚିଥିବା
ବେସରକାରୀ ଚେରମାନେ
ହାହାକାରଭରା ଲୁହଙ୍କ ଦ୍ରବଣରେ
ବିଚ୍ଛିନ୍ନ ହୁଅନ୍ତି
ତାର ବପୁବନ୍ତ ସ୍ୱର୍ଗୀଲୁଇଚ୍ଛାକୁ
ହଟାଇ ଦିଆଯାଇଥାଏ
ଲିଖିତ ସ୍ୱାକ୍ଷରିତ ରାଜିନାମାର
କ୍ରୋଡପତ୍ରରେ ।

❤ ଗୋପ୍ତିରା, ଚନ୍ଦନ ନଗର, ଅଳଭା
କେନ୍ଦ୍ରାପଡା - ୭୫୪୨୧୭
ମୋ:୮୨୪୯୦୭୯୮୫୩

### ॥ ନାରୀ ॥

ଅକ୍ଷୟ ପାତ୍ର



ଛଳ ଛଳ ବିଲୋଳ ଉଚ୍ଛ୍ୱାସର
ଢ଼ଳ ଢ଼ଳ ସଜଳ ସଂବେଗର
ପ୍ରୀତି ଓ ପ୍ରତୀତି
ଦୀପ୍ତି ଓ ଦ୍ୟୁତିର
କମନୀୟ କରୁଣାର୍ଦ୍ର ସ୍ପର୍ଶକାତରତାର
ପ୍ରମୂର୍ତ୍ତ ପ୍ରତୀକ ସେ;
କଲ୍ୟାଣୀ
ପୁଣି ମୋହିନୀ
ମାନିନୀ
ପୁଣି ବିଶ୍ୱ-ରଞ୍ଜନୀ ।

ତା' ତନୁବଲ୍ଲରୀରେ ଚହଟେ ଲାସ୍ୟ
ଅମ୍ଳାନ ନନ୍ଦନବୋଧର
ତା' କଞ୍ଜ-ବଦନରେ ଝଲେ ଜ୍ୟୋତ୍ସ୍ନା
ଅମିତ ସ୍ୱପ୍ନିଳତାର
ତା' ଚାରୁ ଭ୍ରୂଭଙ୍ଗୀରେ ଲହରୁଥାଏ ଆମନ୍ତ୍ରଣ
ରମ୍ୟ ଅନଙ୍ଗର ।

ସେ ଦିବ୍ୟ-ଭୂତି
ମର୍ତ୍ତ୍ୟଲୋକେ ଅମର୍ତ୍ତ୍ୟତାର
ସେ ମାତୃ-ମୂର୍ତ୍ତି
ବାତ୍ସଲ୍ୟ ମମତା ଭରା ପରମାର୍ଥିକତାର
ସେ ଅନାବିଳ ପ୍ରୀତି
ସଂସାରକୁ ପ୍ରେମପାଶେ ବାନ୍ଧି ରଖିବାର ।

ତା'ଥିତି
ତା'ଚିତ୍ତ-ବୃତ୍ତି
ତା' ସ୍ଫୂର୍ତ୍ତି
ତା' ଆତ୍ମୀୟ-ଶ୍ରୁତି
ଲିଭେଇ ଦେଇପାରେ ନିଆଁ
ଅବିଶ୍ୱାସର
ତେଜି ଦେଇପାରେ ସଂଜୀବକ ଗୀତି
ପରାତ୍ପରର;

ସେ ଯେ' ନାରୀ:
ଭାସମାନ ତୁଷାର ପାହାଡ଼ପ୍ରାୟ
ଅର୍ଦ୍ଧେକ ନିମଜ୍ଜିତ ତ
ଅର୍ଦ୍ଧେକ ଦୃଷ୍ଟ,
ଅର୍ଦ୍ଧେକ ଅନୁଭୂତ ତ
ଅର୍ଦ୍ଧେକ ଅନୁକ୍ତ,
ଏକ ମଧୁର ପ୍ରହେଳୀ !!!

❤ ବିଭାଗ ମୁଖ୍ୟ: ଇଂରାଜି ବିଭାଗ
ହିନ୍ଦୋଳ ମହାବିଦ୍ୟାଳୟ ଖଜୁରିଆକଟା
ଢ଼େଙ୍କାନାଳ-୨୦
ମୋ: ୭୦୭୭୯୮୪୯୬୦

### ॥ ମାଳତୀ ମାଳତୀ ଡାକି ଡାକି ॥

ଶିଶିର ନାୟକ



ସୀମାନ୍ତର ଶେଷ ଟ୍ରେନ
ଲୁହ ନେଇ ଧାଇଁ ଯାଏ
ଫଗୁଣର କେଉଁ ବିରହ ହୁଇସିଲରେ ।

ଛବିଶ ନମ୍ବର ବସ ଫେଲ ହେଇ
ମୁଁ ଠିଆ ହେଇଥାଏ
କେଉଁ ମାୟାବିନୀ ଢେଉ ସାଙ୍ଗରେ ।

ଢେର କିଛି ସ୍ୱୀକାର କରି
ନେଇଛି କିଏ ଜଣେ
ରେଣୁ ସାଉଁଟି ନେଉଥାଏ
ଜୀବନର ଆକୁଳ ଚେତନାରେ ।

ଲୁହରୁ ଯେଉଁ ମହୁ ତିଆରି ହୁଏ
ବିଷାଦରୁ ଯେଉଁ କୃଷ୍ଣଚୂଡ଼ା ଫୁଟେ
ତାକୁ ଏ ନୁଖୁରା ଦେହ ସାଇତି ରଖେ ।

ବୋକା ଛୁଆଟି କଥା ଭାବି କଷ୍ଟ ହୁଏ
ସେ ଛଳନା ବୁଝେନା
ପ୍ରେମିକାର କଥା ଭାବେ, ବିଡ଼ି ଟାଣେ ।

ରଜନୀଗନ୍ଧା ଶୁଖି ଯାଉଥାଏ
କୁଆଡେ କୁଆଡେ
ଆଲୁଅ ଲିଭିଯାଉଥାଏ
ବିଧାନସଭା କଡେ କଡେ ।

ପୋକଖିଆ ସଜନାଗଛ କଅଁଳି ଉଠିଲା ପରି
ଲିଭିଥିବା ଅଳତାଧାର
ପୁଣିଥରେ ଚେଇଁ ଉଠେ
ମାନିନେବାର ଅଭ୍ୟାସରେ
ଭଲପାଇବା ବି ଚିକ୍‌ଚିକ୍ କରେ ।

ନିଶବ୍ଦ ଘେରିଥାଏ ଜ୍ୟୋସ୍ନାର କଡେ କଡେ
ବେଦନା ଚିହ୍ନିତ ଆମ ଗାଆଁ ଆଡେ
ମାଳତୀ ମାଳତୀ ଡାକି ଡାକି
ବୋକା ଛୁଆଟି
ଫୁଲ ଧରି ଧାଇଁଯାଏ ।

ମାଳତୀ କେଉଁଠି ନ ଥାଏ
ବାଦଲ ଭିତରେ ଲୁଚିକି ଖେଳୁଥାଏ
ମେଘ ପରେ ଜହ୍ନରାତି
ଖାଲି କେଉଁ ଅଚିହ୍ନା ସୌରଭ ଆଡେ ।

❤ ମୋ: ୯୯୩୭୪୯୦୬୪୭

# କବିତାକୁ ପୁରସ୍କାର ମିଳୁ କିନ୍ତୁ ପୁରସ୍କାର ପାଇଁ କବିତା ଧାଡ଼ିଟିଏ ବି ଲେଖା ନଯାଉ: ସୁଚିତ୍ରା ପାଣିଗ୍ରାହୀ

**ସୁଚିତ୍ରା ପାଣିଗ୍ରାହୀ** ଓଡିଆ କବିତା ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ସେ କେବଳ କବିତା ଲେଖନ୍ତି ନାହିଁ, ଶିଶୁ ସାହିତ୍ୟ, ଫିଚର ଓ ଅନୁବାଦ ଲେଖି ସେ ପ୍ରତିପାଦିତ କରିସାରିଛନ୍ତି ତାଙ୍କର ପାରଦର୍ଶିତା । ସବୁ ସତ୍ତ୍ୱେ ସେ କବିତା ଜଗତର ଜଣେ ନିଷ୍ଠାପର ବିନ୍ଧାଣି । ତାଙ୍କ କବିତାରେ କାବ୍ୟିକ ଚେତନା ସହ ବିଦଗ୍ଧ ଅନୁରାଗ ହୁଏ ଦୃଶ୍ୟମାନ । ଜୀବନର ନିର୍ମମ ବାସ୍ତବତା ଓ ଗଭୀର ଜୀବନ ଦର୍ଶନ ତାଙ୍କ କବିତ୍ୱର ବୈଶିଷ୍ଟ୍ୟ । ଏଥର ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସେତେଟା ସ୍ପଷ୍ଟ ମନେ ନାହିଁ। ତେବେ ଭାବୁଚି ଗୀତରେ ଗୀତରେ ସାଙ୍ଗସାଥୀମାନଙ୍କୁ ମନକଥା ଜଣାଇ ଛୋଟବେଳେ ଚିଠି ଲେଖୁଥିଲି। ତେଣୁ ଭାବୁଚି, ବୋଧହୁଏ ଏଇ ସବୁ ଗୀତିମୟ ଶବ୍ଦଧାରା ଭିତରେ କେତେବେଳେ ମୁଁ କବିତାର ବିରାଟ ପରିଧି ଭିତରକୁ ପଶି ଆସିଥିଲି। କାରଣ ଷଷ୍ଠ/ସପ୍ତମରେ ପଢ଼ିଲା ବେଳକୁ ମୁଁ ଆଖପାଖରେ ଯାହା ଦେଖୁଥିଲି ହାତ ପାହାନ୍ତାରେ ପାଉଥିବା ଅନାବନା କାଗଜ ଉପରେ ସେସବୁ ଉପରେ କିଛି ଲେଖିଯାଉଥିଲି। ଅନେକ ପରେ ଜାଣିଲି- ସେ ସବୁ ଥିଲା ମୋ କବିତାର ଆଦ୍ୟସ୍ଫୁରଣ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ବାପା ନିଶ୍ଚିତ ଭାବେ ମୋର ସାରସ୍ୱତ ପ୍ରେରଣା। ତାଙ୍କ ପରି ଜ୍ଞାନୀ ଗୁଣୀ ବ୍ୟକ୍ତିଙ୍କର ସାନ୍ନିଧ୍ୟରେ କଟିଛି ମୋର ତମାମ ପିଲାବେଳ। ଥାକ ଥାକ ବହି ଭିତରୁ ତାଙ୍କର ପ୍ରଜ୍ଞାଦୀପ୍ତ ଆଖି ଦୁଇଟି ଏବେ ବି ମୋତେ ଆନମନା କରେ, ଯଦିଓ ସେ ଦିବଂଗତ। ଜଣେ ପ୍ରଖ୍ୟାତ ସାହିତ୍ୟିକ ଓ ନିରବ ସାଧକଙ୍କ ପାଖେ ପାଖେ ରହି ଲେଖିବାର ପ୍ରେରଣା ନିଶ୍ଚୟ ମୁଁ ପାଇଛି। କିନ୍ତୁ ମୋ କବିତାର ଆଦ୍ୟଗୁରୁ ତ ମୋ ବୋଉ, ଯାହା ସହ ମୁଁ ଗୀତରେ ଗୀତରେ କଥା ହେଉଥିଲି, ଯିଏ ତା' ସମୁଧୁର ସ୍ୱରରେ ବହୁତ ପୁରୁଣା ପଢ଼ାବହିର ଗୀତକୁ ଗାଇ ମୋତେ ଓ ମୋ ଭାଇଭଉଣୀମାନଙ୍କୁ ଶୁଣାଉଥିଲା। ଆଉ ଏବେ ମୋର ସାରା ପରିବାର ମୋ ପ୍ରେରଣା।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ଆଜିକାଲି ପରି ସେତେବେଳେ ଏତେ ପତ୍ରପତ୍ରିକା ନଥିଲା। ତେବେ କଲେଜ ମୁଖପତ୍ରରେ କବିତା ପ୍ରକାଶ ପାଉଥିଲା ନିୟମିତ ଭାବେ। କିନ୍ତୁ ୧୯୮୨/୮୩ ବେଳକୁ ଗୋକର୍ଣ୍ଣିକା, ସୁଚରିତା ଭଳି ପତ୍ରିକାରେ କବିତା ପ୍ରକାଶିତ ହେବା ମୋର ମନେ ପଡୁଚି। ଲୁଚେଇ ଲୁଚେଇ କବିତା ଲେଖା, କାହା ଆଖିରେ ପଡିଲେ ଲାଜ ଲାଜ ଭାବ ଏସବୁ ସେଇ ବେଳର କଥା। କ୍ରମଶଃ ସମୟ ବଦଳିଛି। କବିତା ଲେଖିଲେ ଖରାପ ହେଇଯିବାର ଭୟ କମିଛି। ତେଣୁ ଏବେ ଆଉ ପଛକୁ ଫେରି ଅଟକି ଯିବାର ଭୟ ନାହିଁ। ବର୍ତ୍ତମାନ ସୁଦ୍ଧା ମୋର ନଅଟି କବିତା ସଂକଳନ, ଦୁଇଟି ଅନୁଦିତ କବିତା ସଂକଳନ, ପାଂଚଟି ଶିଶୁ ଗଳ୍ପ/କବିତା ଫିଚର ପୁସ୍ତକ ପ୍ରକାଶ ପାଇସାରିଛି। ଏହା ବ୍ୟତୀତ ବିଭିନ୍ନ ସମୟରେ ମହାବିଦ୍ୟାଳୟ ମୁଖପତ୍ରର ସଂପାଦନା ଓ ଜଗନ୍ନାଥ ଦାଶ ଗ୍ରନ୍ଥାବଳୀ ପରି ଏକ ବିରାଟ କବିତା ଗ୍ରନ୍ଥର ସଂପାଦନା ମଧ୍ୟ କରିଛି। ତେବେ ଏସବୁ ଭିତରେ ମୋର ଅଷ୍ଟମ କବିତା ସଂକଳନ "ଚିରକାଳକୁ" ମୋତେ ବେଶି ଆହ୍ଲାଦିତ କରିଚି ଯଦିଓ ପ୍ରତିଟି କବିତା ସଂକଳନ ମୋର ପ୍ରିୟ। 'ଚିରକାଳକୁ' ସଂକଳନଟିରେ ସ୍ଥାନିତ କବିତା ଗୁଡ଼ିକ ମୋ ଦୃଷ୍ଟିରେ ବେଶ୍ ବ୍ୟବସ୍ଥିତ ଏବଂ ଗଭୀର। ଜୀବନର ବାସ୍ତବତା, ଗଭୀର ଅନ୍ତର୍ଦୃଷ୍ଟିରେ ଏଥିରେ ଥିବା କବିତା ଗୁଡ଼ିକ ବେଶ୍ ଛଳଛଳ।

■ କୁହାଯାଏ ଈଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ମଣିଷ କବି ବା ଲେଖକ ହୋଇପାରେନା । ଆପଣ ଏ ସମ୍ପର୍କରେ କଣ ମତ ରଖିବେ ?

■■ ପ୍ରତିଟି ମଣିଷ ଭିତରେ ଈଶ୍ୱରଦତ୍ତ ପ୍ରତିଭା ରହିଛି। କିନ୍ତୁ ଏଇ ପ୍ରତିଭାକୁ ଖୋଜି ତାକୁ ରୂପ ଦେଇପାରେ ଯିଏ ସିଏ ହିଁ କବି। ଆମେ ସଭିଁଏ ତ ସକାଳର ସୂର୍ଯ୍ୟକୁ ସଂଜରେ ଅସ୍ତଯିବାର ଦେଖୁଁ, ହେଲେ କବିଟି ତ ତାରି ଭିତରେ ଜୀବନର/ ଯୌବନର ଭିନ୍ନ ଭିନ୍ନ ରୂପ ପରିକଳ୍ପନା କରିପାରେ। ପରିବେଶ ଓ ପରିସ୍ଥିତି ହିଁ ଜଣେ ସାଧାରଣ ମଣିଷକୁ କବିଟିଏ କରି ତୋଳିଥାଏ। ଯେମିତି ମୈଥୁନର କ୍ରୌଞ୍ଚ ଯୁଗଳରୁ ଜଣକୁ ଭୂପତିତ ହେବାର ମୁହୂର୍ତ୍ତଟି ଋଷି ବାଲ୍ମିକୀଙ୍କୁ କବି ବାଲ୍ମିକୀରେ ରୂପାନ୍ତରିତ କରି ଦେଇଥିଲା!!

■ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସତ୍ତ୍ୱେ ଯେତିକି ଅଗ୍ରଗତି କରିବା କଥା, ସେତିକି କରିପାରିନାହିଁ ବୋଲି କୁହାଯାଏ। ଏ ସମ୍ପର୍କରେ କଣ କହିବେ ?

■■ ଗୋଟିଏ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ ଓଡ଼ିଆ ଭାଷାର ସେ ସବୁ ବିଭବ ଥିଲା। ଯେଉଁମାନେ କହୁଛନ୍ତି ଓଡ଼ିଆ ଭାଷା ଯେତିକି ଅଗ୍ରଗତି କରିବା କଥା ସେତିକି କରୁନାହିଁ, କିନ୍ତୁ ଏହା କେବଳ ବ୍ୟକ୍ତିଗତ ସ୍ତରର ନୁହେଁ ସାମୂହିକ ଉଦ୍ୟମର ଆବଶ୍ୟକତା ରଖେ। ଆମ ଭିତରୁ କେତେଜଣ ଓଡ଼ିଆରେ ଚିଠିପତ୍ର ଲେଖିବା ବା ଓଡ଼ିଆ ରଚନାବଳୀ ପାଠ କରିବାକୁ ଉଚିତ୍ ମଣୁଛନ୍ତି ? ଯେ ପର୍ଯ୍ୟନ୍ତ ଆମ ଭିତରୁ ଆମ ଭାଷା ପାଇଁ ହୀନମନ୍ୟତା କମି ନଥିବ ସେ ପର୍ଯ୍ୟନ୍ତ ଆମ ଭାଷା ଏମିତି ଅବହେଳିତ ହେଉଥିବ। ଏଣୁ ପ୍ରତ୍ୟେକ ଓଡ଼ିଆଙ୍କର ଏହା ଧ୍ୟେୟ ହେଉ, ଜଣେ ନୁହେଁ ଆମେ ସମସ୍ତେ ଜାଗ୍ରତ ହେଲେ ଏ ଭାଷା-ପ୍ରଦୀପ ଅଧିକ ପ୍ରଜ୍ଜଳିତ ହୋଇ ଉଠିବ।

■ କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ? ନିଜେ ଜଣେ କବି ଭାବରେ ସେମିତି କିଛି ଅନୁଭବ କଣ ଆପଣଙ୍କର ଅଛି ?

■■ କବିତା ହୁଏତ କାହାର ମାନସିକତା ବଦଳାଇ ପାରେନାହିଁ। କିନ୍ତୁ କ୍ଷଣିକ ପାଇଁ ହେଲେ ବି ଏହା ମନକୁ ଚହଲେଇ ଦେଇପାରେ- ଯେମିତି ଭୀମ ଭୋଇଙ୍କ 'ପ୍ରାଣୀଙ୍କ ଆରତ.... ଗୋପବନ୍ଧୁଙ୍କ 'ମିଶୁ ମୋର ଦେହ ଅଥବା ଗୋଦାବରୀଶଙ୍କର 'ଉଠ କଙ୍କାଳ... ଏସବୁ ପଢ଼ିଲାବେଳେ ବା ଶୁଣିଲାବେଳେ ମନ ନିଶ୍ଚୟ ଥରେ ଆନ୍ଦୋଳିତ ହୁଏ। ତେଣୁ ଟିକିଏ ଟିକିଏ ହେଉ ପଛେ ମନକୁ ଛୁଇଁଯାଏ କବିତା। ନିଜେ ମୁଁ ଜଣେ କବି- ମୁଁ କବିତାରେ କିଛି ବଦଳିବାର ସଂକେତ ଦେଖେ ନାହିଁ। ବରଂ ସମୟର ଧାରାରେ କବିତାର ସ୍ୱର ଯେ ବଦଳିଯାଏ ସେ କଥା ଅନୁଭବ କରେ। ଅବଶ୍ୟ ଏହା ମୋର ଏକାନ୍ତ ନିଜସ୍ୱ ମତ।

■ ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଓଡ଼ିଆ ସାହିତ୍ୟର ଅତୀତ ପରି ଭବିଷ୍ୟତ ମଧ୍ୟ ଗରିମାମୟ। ଏ ବାବଦରେ ମୁଁ ବେଶ୍ ଆଶାବାଦୀ। କାରଣ ସାହିତ୍ୟ ଏବେ ଆଉ ଦରବାରୀ ହୋଇ ରହିନାହିଁ। ଅତି ସାଧାରଣ ମଣିଷ ତୁଣ୍ଡର ଭାଷା ବି ଆଜି ସାହିତ୍ୟ ବୋଲାଇଲାଣି। ତା' ନୋହିଥିଲେ କବି ହଳଧର ନାଗଙ୍କୁ ଆମେ ପଦ୍ମଶ୍ରୀ ମଣ୍ଡିତ ହେବାର ଶୁଣିନଥାନ୍ତୁ। ସାହିତ୍ୟ ଏବେ ଗାଁ ମାଟିର ଖଟଖିଆ ମଣିଷ ତୁଣ୍ଡର ଭାଷାରେ ନିଜର ଆସ୍ଥାନ ଜମେଇ ସାରିଲାଣି। ଅନେକ ଆଗରୁ ଗୋପୀନାଥ ମହାନ୍ତି ଶୁକ୍ରୁଜାନିକୁ ନେଇ ଆସିଥିଲେ ଆମ ଗହଣକୁ। ଆଜି ତ ସହର, ବଜାର, ଗାଁ ଦାଣ୍ଡରେ ଗପ ତିଆରି ହେଉଛି ଏବଂ ତାହା ହିଁ ସହଜ ସାହିତ୍ୟର ନୂତନ ଧାରାଟିଏ ହୋଇପାରିଛି। ଏଣୁ ଓଡ଼ିଆ ସାହିତ୍ୟ ଆଗାମୀ ଦିନରେ ବିଶ୍ୱ ପ୍ରେକ୍ଷାପଟରେ ନିଜକୁ ବେଶ୍ ଗୌରବମୟ ରୂପ ଦେଇପାରିବ ଏ ବିଶ୍ୱାସ ମୋର ଅଛି।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? କବିତା ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ଏକ ପ୍ରୋତ୍ସାହନ। ଆଗକୁ ଯିବାର ଏକ ପ୍ରେରଣାର ସ୍ରୋତ। ମାତ୍ର ଏହା ପ୍ରଲୋଭନ ନହେଉ। କବିତାକୁ ପୁରସ୍କାର ମିଳୁ କିନ୍ତୁ ପୁରସ୍କାର ପାଇଁ କବିତା ଧାଡ଼ିଟିଏ ବି ଲେଖା ନଯାଉ। ମୁଁ ଚାହିଁବି କବିତା ମାଧ୍ୟମରେ ମଣିଷ ଭିତରର ଗଭୀର ବିଶ୍ୱାସ ଓ ନିଷ୍ଠା, ପାରସ୍ପରିକ ଭଲ ପାଇବା ପ୍ରତିଟି ମଣିଷ ଭିତରେ ସଂଚରିଯାଉ। ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଭରସା କରନ୍ତୁ ଏବଂ ନିଜ ନିଜର ଆତ୍ମ ବିଶ୍ଳେଷଣ କରନ୍ତୁ।

♥♥

---

■ ଅଳ୍ପରେ ସୁଚିତ୍ରା ପାଣିଗ୍ରାହୀ ...



ଜନ୍ମ : ଜାନୁୟାରୀ ୨, ୧୯୬୩
ଜନ୍ମସ୍ଥାନ : ନାମ୍ପୋ
ମାତାଙ୍କ ନାମ: ସୁଷମା ଜେନା
ପିତାଙ୍କ ନାମ: ଗୌର ଗୋପାଳ ଜେନା
ବର୍ତ୍ତମାନର ଠିକଣା: ନୂଆବଜାର, ଭଦ୍ରକ

■ ପ୍ରକାଶିତ ପୁସ୍ତକ ■

କବିତା...
୧- ଛାଇର ଛବି
୨- ହାତମୁଠାର ଛବି
୩- ଚନ୍ଦନବନର ଛାଇ
୪- ଏତେ ଅଭିମାନ ଭଲ ନୁହେଁ
୫- ମନ ମୂର୍ଚ୍ଛନା
୬- ଖୋଜୁଛି
୭- ଛଳପୁରୁଷ
୮- ଚିରକାଳକୁ
୯- କଥାଅଛି

ଅନୁବାଦ...
୧- ନୂଆ ଇଲାକାରେ
୨- ଦୁଷ୍ଟକ୍ରରେ ସ୍ରଷ୍ଟା

ଏତଦ୍ ବ୍ୟତୀତ ପାଂଚଟି ଶିଶୁ ଗଳ୍ପ/ କବିତା ଓ ଫିଚର ପୁସ୍ତକ ଆଦି ୧୭ଟି ସଂକଳନ ପ୍ରକାଶିତ

---



ସ୍ୱାମୀ ପବିତ୍ର ପାଣିଗ୍ରାହୀଙ୍କ ସହ କବି ସୁଚିତ୍ରା...



ପୁସ୍ତକ ଉନ୍ମୋଚନ ସଭାରେ କବି ସୁଚିତ୍ରା...



ନିଜ ପରିବାର ସହିତ କବି ସୁଚିତ୍ରା ପାଣିଗ୍ରାହୀ...



ପ୍ରିୟ ମଣିଷମାନଙ୍କ ସହ କବି ସୁଚିତ୍ରା...

## ପ୍ରିୟ ପାଠକ-୩୫

# ପ୍ରିୟ ପାଠକଟିଏ ଚିରକାଳ ହୃଦୟରେ ରହିଯାଏ...



ସଂଯୁକ୍ତା ମହାନ୍ତି

ହଠାତ୍ ଗୋଟିଏ ଚିଠି ପାଇଲି । ଲଫାପା ଭିତରେ । ସୁଦୂର ରାଜସ୍ଥାନରୁ ଲେଖିଛନ୍ତି ଶ୍ରୀ ରଜତ୍ କୁମାର ମିଶ୍ର, ଆଇ.ଏ.ଏସ୍ । ରାଜସ୍ଥାନ ଷ୍ଟେଟ୍ ମାଇନ୍ସ ଏବଂ ମିନେରାଲ ଏଲ.ଟି.ଡି.ର, ଏମ୍ଡି । ଅକ୍ଷର ଗୁଡ଼ିକ ବେଶ୍ ସୁନ୍ଦର । ଖୁବ୍ ଅନ୍ତରଂଗ ସେହି ଉପସ୍ଥାପନା । ସୁନ୍ଦର ଶବ୍ଦବିନ୍ୟାସ । 'ଆପଣଙ୍କର ଗଳ୍ପ ପଢ଼ିଲି। ଏକ ସୂକ୍ଷ୍ମ, କୋମଳ ମାନସିକ ଦିଗନ୍ତକୁ ହାଲୁକା ଖଣ୍ଡେ ମେଘ ଉପରେ ବସି ନିରାସକ୍ତ କିନ୍ତୁ ଅନ୍ତରଂଗତା ସହ ଯେପରି ଆପଣ ଚିତ୍ରାୟିତ କରିଛନ୍ତି, ଓଡ଼ିଆ କ୍ଷୁଦ୍ରଗଳ୍ପରେ ଏପରି ମାର୍ମିକ ରଚନା ବିରଳ ବୋଲି ମୋର ମତ ।

ଅଫିସରୁ ଫେରି କବାଟର ତାଲା ଫିଟେଇ ଘର ଭିତରକୁ ଆସୁଆସୁ ପଡ଼ିଥାଏ ଚଟାଣରେ କେତେଟା ଚିଠି । ମନ ଆନନ୍ଦରେ ଭରିଯାଏ । ଏକଲ ଘରର ବାତାବରଣରେ ଖେଳିଯାଏ ସୁଗଂଧ । ଗପ ବାହାରିବା ପରେ ଏମିତି ମିଳେ ଗୋଟିଏ ଦୁଇଟି ଚିଠି। ଅବଚେତନରେ ଥାଏ ଚିଠି ଆସିଛି କି ? ପ୍ରକୃତରେ ଲେଖକଟିଏର ସେହି ହିଁ ସ୍ୱର୍ଗ। ପାଠକର ଚିଠି । ସେ ଜାଣେ ସେହି ପାଠକକୁ ସେ ଚିହ୍ନେ ନାହିଁ । କେଉଁ ଦୂର ଦୂରାନ୍ତରୁ ଆସିଛି ତା' ମନର କଥା । ସେଠି ଅଛି ଖାଲି ନିଃସ୍ୱାର୍ଥ ଭଲ ପାଇବା। ନାହିଁ କୌଣସି ଦେଣନେଣର ଇଚ୍ଛା। ସେଇତ ଶୁଦ୍ଧ, ଅନ୍ତରଂଗ ଭଲ ପାଇବା। ଭକ୍ତ ଭଗବାନଙ୍କ ପରି। ଯଦିଓ ଲେଖକଟିଏ ଭଗବାନ ନୁହେଁ। ତେବେ ସେହି ଅଜଣା ପାଠକ ପାଇଁ ଉଚ୍ଛୁଳି ଉଠେ ପ୍ରାଣ। ଗପଟି ଉପରେ ମନ୍ତବ୍ୟ ଦେଇ ଲେଖିବାରୁ ମନେ ହୁଏ ତାର ଲେଖା ସାର୍ଥକ। ଏମିତି ଗୋଟାଏ କାହିଁ ଅନୁଭବ ଆସେ, ଯେମିତି ସେ ହଜିଯାଉଛି ଚିଠିର ପ୍ରାପ୍ତିର ଭିତରେ ଦୁଇ, ତିନିଦିନ । ଲେଖକ ଅବଶ୍ୟ ପାଠକଟିଏ ପାଇଁ ଲେଖେନି। କିଏ ପଢୁଛି କି ନାହିଁ ଭାବିଚିନ୍ତି ଲେଖି ନଥାଏ । ନିଜର ଆବେଗର ଧାରାରେ ଭାସିଯାଇ ସେ ଲେଖେ। ଆଉ ଲେଖୁଥାଏ। ତୀକ୍ତ ଦହନରେ, ଦୁଃଖରେ, ଯନ୍ତଣାରେ, ପୁଣି କେବେ ବିରହରେ କାତର ହୋଇ। ତାର ଜ୍ୱାଳା ଭିତରେ କେଉଁ ସଂସାର ନଥାଏ କି ପାଠକ। ଥାଏ କେବଳ ନିଜର ଉପଲବ୍ଧି। ଯାହା ତାକୁ ଶବ୍ଦର ସ୍ତରକୁ ଉତ୍ତୀର୍ଣ୍ଣ କରେ।

ବହୁ ଚିଠି ଆସୁଥିଲା। ସେସବୁ ଏବେ ବି ରହିଛି। ଅମଳିନ ସବୁ ଅକ୍ଷର । ଯେବେଠୁ ଫୋନ୍ କଲଚର ଆରମ୍ଭ ହେଲା ଚିଠି କମିଲା । କିଏ କଣ ଫୋନ୍‌ରେ କହିଲେ ସେସବୁ ମନେ ରହିଲାନି । ଚିଠି ହିଁ ସୁନ୍ଦର। ପାଠକ ମନର ଆବେଗ, ଅନୁରାଗ, ବହନ କରି ଆଣେ । ଅନୁଭବ କରିହୁଏ ତାର ଏକାନ୍ତ ପରିପ୍ରକାଶକୁ । ଆଶ୍ଚର୍ଯ୍ୟ ଲାଗେ ପାଠକଟି ଲେଖକକୁ କଣ ମନେ କରେ ଯେ ତା' ଏକାନ୍ତ ଦୁଃଖ, ଆଶା, ସ୍ୱପ୍ନ ଭଂଗର କଥା କହେ ? ସେଇଟା ମୋତେ ଆଶ୍ଚର୍ଯ୍ୟ ଲାଗେ। ଏମିତିକି ବୟସ୍କ ମଣିଷମାନେ ବି କୁହନ୍ତି ମନକଥା ଚିଠିରେ। ଆଜିକାଲି ଫୋନ୍‌ରେ ।

ଗାଳ୍ପିକ ତପନ ସାନ ଭାଇଟିର ଅନୁରୋଧ କ୍ରମେ ଲେଖିବାକୁ ଯାଇ ମୁଁ ଚିଠି ଖୋଜିଖୋଜି କାଂଧ ବାଂଧିଲାଣି । ତଥାପି ତାଙ୍କର ଚାପ ଲେଖିବାକୁ । ଏଇ ଜୋର କରୁଥିବା ଲେଖଟିର ମନସ୍ତତ୍ତ୍ୱ ବୁଝନ୍ତୁ। ଅସଲ କଥାଟି ବାହାରିବା ପଛରେ ସେ ପଢ଼ିଥିବେ। ସେଇ ତ ଅତି ଆନ୍ତରିକତାର ଅଧିକାର ବୋଧ ପରି ।

ଏବେ ମୁଁ ଅତି ମନେଥିଲା ପରି ଗୋଟିଏ ଚିଠିର କଥା ଲେଖୁଛି । ଯଦିଓ ଶହଶହ ଚିଠି କେତେ ଅଜଣା ଲୋକଙ୍କର ରହିଛି । ସେମାନଙ୍କ ଭିତରୁ ସେଦିନର ଅଜଣା ବ୍ୟକ୍ତିମାନେ ଏବେ ସାହିତ୍ୟ କ୍ଷେତ୍ରରେ ଖୁବ୍ ନାମକରା ଏବଂ ସାହିତ୍ୟ ଏକାଡେମୀ ପାଇସାରିଛନ୍ତି । ତାଙ୍କ କଥା କହୁନି । କହୁଛି ମୋର ଗପ 'ମରୁଝଡ଼'ର କଥା । ଯାହା ୨୦୦୩ ମସିହାର ପୂଜାସଂଖ୍ୟା 'କୁସୁମିତା'ରେ ପ୍ରକାଶ ପାଇଥିଲା। ସ୍ୱନାମଧନ୍ୟ ଗାଳ୍ପିକ ଶ୍ରୀଯୁକ୍ତ କୃପାସାଗର ସାହୁ ପତ୍ରିକାଟି ସଂପାଦନା କରୁଥିଲେ।

ରାଜସ୍ଥାନ ବୁଲି ସାରିଥିଲି ୨୦୦୦ ମସିହା ନଭେମ୍ବରରେ । ମରୁଭୂମିକୁ ନେଇ ଗପ ଲେଖିବି ବୋଲି ଭାବୁଭାବୁ ବର୍ଷେ ବିତି ଗଲେଣି । ହଠାତ୍ ଦିନେ ଗୋଟିଏ ଅଜଣା ଲୋକଟିଏ ବ୍ୟାଙ୍କକୁ ଆସି ମୋତେ ଆମର ଜଣେ ଷ୍ଟାଫ୍‌ଙ୍କ ବିବାହ ପ୍ରସ୍ତାବରେ ପଚାରୁଥିଲେ। ଯେଉଁ ବ୍ୟକ୍ତିଙ୍କୁ ବୟସ ଅଧିକା ହୋଇଯାଇଥିଲା। ସେହିସବୁ କଥା ଗପୁ ଗପୁ ହଠାତ୍ ମୁଁ ଠିକ୍ କଲି 'ମରୁଝଡ଼' ଲେଖିବି ।

କାହାଣୀଟିରେ ସେହି ନବବିବାହିତ ଦମ୍ପତିଙ୍କ ମାନସିକ ଦ୍ୱନ୍ଦର କଥା ବର୍ଣ୍ଣିତ । ଯାଇଛନ୍ତି ଜୟସାଲମୀର ହନିମୁନ୍‌ରେ । ଅଥଚ ଭୋଗି ପାରୁନାହାନ୍ତି ପରସ୍ପରର ସାନିଧ । କାର୍ତ୍ତିକ ପୂର୍ଣ୍ଣିମା ପୁଣି ସେହିଦିନ ଥିଲା । ଯେଉଁଠି ସେମାନେ ଯାଇଛନ୍ତି 'ସାମ୍' ଗ୍ରାମକୁ । ଗାଡ଼ି ଚାଳକଟି ମଧ୍ୟାହ୍ନ ଯାକ ଅନ୍ୟ ସ୍ଥାନ ଦେଖେଇ ସୂର୍ଯ୍ୟାସ୍ତ ଆଗରୁ ସେଠି ପହଞ୍ଚିବ। ସେଠି ରହିବେ ରାତିରେ ଟେଣ୍ଟ ହାଉସରେ। ରାତିରେ ନାଚ, ଗୀତ ରହିଛି। ସୂର୍ଯ୍ୟାସ୍ତ ଦେଖିବେ। ଯଥା ସମୟରେ ପହଞ୍ଚି ଗପର ନାୟିକା ସଲଗ୍ନା ମତ୍ତ ବିଭୋର । ଓଟବାଲା ଘେରି ଯାଇଛନ୍ତି। ସଲଗ୍ନାକୁ ଡର ବି ଓଟ ପିଠିରେ ବସିବାକୁ। ଏଇ ପାଖାପାଖି ବୁଲେଇଦେଲେ କୋଡ଼ିଏ ଟଙ୍କା ନେବାକୁ କହିଲା ଓଟବାଲା। ସେମାନେ ଗଲେ। ଯିବାପରେ କହିଲା ହେଇଟି ତ ଆଗରେ ପାର୍କ ଅଛି ସେଯାଏ। ମରୁଭୂମିରେ କି ପାର୍କ ସଲଗ୍ନା ବୁଝିପାରିଲାନି । ତେବେ ଚାଲିଲେ। ଓଟବାଲାଟି ମଝିରେ ତାକୁ ଓହ୍ଲେଇ ଦେଇ ନମାଜ ପଢ଼ିବାକୁ ଗଲା। ଫେରିଆସି କୁଆଡ଼େ ନେଲା କେଜାଣି। କହିଲା ଆହୁରି ଦୂରକୁ ଚାଲ। ଚାରିଆଡ଼େ ଖାଲି ବାଲି ଆଉ ବାଲି। ଛାଡ଼ି ଚାଲିଗଲେ ଦିଗହରା ମରୁଭୂମିରେ କୁଆଡ଼େ ଯିବେ। ପାଣି ବି ନାହିଁ। ଓଟବାଲାଟା କଣ ମନେ କଲା କହିଲା- ଭୟ କରନ୍ତୁନି... ଆମର ରୁଟି, କମାଇ ଆପଣମାନେ। ଏଠି କାହା ଜିନିଷ ଚୋରି କରୁନା। ପୁଣି କହିଲା ମଜା ଲାଗିବ ଦୌଡ଼ାଇ ଦୌଡ଼ାଇ ନେବି। ହେଲେ ସଲଗ୍ନାର ହାର୍ଟବିଟ୍ ବଢ଼ିଗଲା। କହିଲା- ରଖ । କିଛି ଦୂର ଯାଇ ଫେରି ଆସିଲେ ସେମାନେ। ଦେଖିଲେ ସୁନାରଂଗର ବାଲି, ଲାଲ ସୂର୍ଯ୍ୟ।

ବହୁ ଚିଠି ଆସୁଥିଲା। ସେସବୁ ଏବେ ବି ରହିଛି। ଅମଳିନ ସବୁ ଅକ୍ଷର । ଯେବେଠୁ ଫୋନ୍ କଲଚର ଆରମ୍ଭ ହେଲା ଚିଠି କମିଲା । କିଏ କଣ ଫୋନ୍‌ରେ କହିଲେ ସେସବୁ ମନେ ରହିଲାନି । ଚିଠି ହିଁ ସୁନ୍ଦର। ପାଠକ ମନର ଆବେଗ, ଅନୁରାଗ, ବହନ କରି ଆଣେ । ଅନୁଭବ କରିହୁଏ ତାର ଏକାନ୍ତ ପରିପ୍ରକାଶକୁ । ଆଶ୍ଚର୍ଯ୍ୟ ଲାଗେ ପାଠକଟି ଲେଖକକୁ କଣ ମନେ କରେ ଯେ ତା' ଏକାନ୍ତ ଦୁଃଖ, ଆଶା, ସ୍ୱପ୍ନ ଭଂଗର କଥା କହେ ? ସେଇଟା ମୋତେ ଆଶ୍ଚର୍ଯ୍ୟ ଲାଗେ। ଏମିତିକି ବୟସ୍କ ମଣିଷମାନେ ବି କୁହନ୍ତି ମନକଥା ଚିଠିରେ। ଆଜିକାଲି ଫୋନ୍‌ରେ ।

ଓଟବାଲା ଓହ୍ଲାଇ ଦେଇ କହିଲା ଶହେଟଙ୍କା ଦେବାକୁ। ଆଉ କୋଡ଼ିଏ ଟଙ୍କା ଓଟର ଖାଦ୍ୟ ପାଇଁ। ସେ ଯେ କୋଡ଼ିଏ ଟଙ୍କା ଜବାବ୍ କରି ଶହେ କୋଡ଼ିଏ ନେବ ସେମାନେ କଳ୍ପନା କରିନଥିଲେ ।

ଏଇ ସମସ୍ୟାଟା ଗଳ୍ପ ଭିତରେ ବର୍ଣ୍ଣନା ଥିଲା।

ହଠାତ୍ ଗୋଟିଏ ଚିଠି ପାଇଲି । ଲଫାପା ଭିତରେ । ସୁଦୂର ରାଜସ୍ଥାନରୁ ଲେଖିଛନ୍ତି ଶ୍ରୀ ରଜତ୍ କୁମାର ମିଶ୍ର, ଆଇ.ଏ.ଏସ୍ । ରାଜସ୍ଥାନ ଷ୍ଟେଟ୍ ମାଇନ୍ସ ଏବଂ ମିନେରାଲ ଏଲ.ଟି.ଡି.ର, ଏମ୍ଡି । ଅକ୍ଷର ଗୁଡ଼ିକ ବେଶ୍ ସୁନ୍ଦର । ଖୁବ୍ ଅନ୍ତରଂଗ ସେହି ଉପସ୍ଥାପନା । ସୁନ୍ଦର ଶବ୍ଦବିନ୍ୟାସ । 'ଆପଣଙ୍କର ଗଳ୍ପ ପଢ଼ିଲି । ଏକ ସୂକ୍ଷ୍ମ, କୋମଳ ମାନସିକ ଦିଗନ୍ତକୁ ହାଲୁକା ଖଣ୍ଡେ ମେଘ ଉପରେ ବସି ନିରାସକ୍ତ କିନ୍ତୁ ଅନ୍ତରଂଗତା ସହ ଯେପରି ଆପଣ ଚିତ୍ରାୟିତ କରିଛନ୍ତି, ଓଡ଼ିଆ କ୍ଷୁଦ୍ରଗଳ୍ପରେ ଏପରି ମାର୍ମିକ ରଚନା ବିରଳ ବୋଲି ମୋର ମତ । ଦୁଇଟି ମନୁଷ୍ୟ ମଧ୍ୟରେ ଭାବ ଏବଂ ଅଭାବର ଦ୍ୱନ୍ଦ୍ୱ, ସାମାନ୍ୟ ବିରୋଧାଭାସୀ ଚିତ୍ରକଳ୍ପ ସହ ରୂପାୟିତ ହେଲେ କାହାଣୀ ମନେ ରହିଯାଏ। ଯେଉଁ କାହାଣୀ ମନେ ରହିଯାଏ ତାହା ଭଲବୋଲି ଲୋକେ ଭାବନ୍ତି । ଆପଣଙ୍କ ଗଳ୍ପରେ ଏମିତି କେତେ ଗୁଡ଼ିଏ ବଳିଷ୍ଠ ଚିତ୍ର ରହିଛି, ଯାହା ଚେତନାରେ ରହିଯିବାକୁ ଦାବି କରେ।

ମରୁଭୂମି ନିଶ୍ଚିତ ରୂପେ ସୁନ୍ଦର। ମୁଁ ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ଜୈସାଲମିର ଏବଂ ଯୋଧପୁରର ଜିଲ୍ଲାଧୀଶରୂପେ କାର୍ଯ୍ୟ କରୁଥିବା ବେଳେ ମରୁ ପ୍ରଦେଶକୁ ଅତ୍ୟନ୍ତ ନିବିଡ଼ ଭାବେ ଦେଖିପାରିଛି। ବ୍ରାହ୍ମ ମୁହୂର୍ତ୍ତରେ ଦୁର୍ଗମ ମରୁଭୂମି ଭିତରେ ଲୁଚି ରହିଥିବା ସ୍ୱର୍ଗମାନେ ଏପରି ଦିବ୍ୟ ହୋଇ ଯାହାନ୍ତି, ପ୍ରତ୍ୟକ୍ଷ ଅନୁଭୂତି ବିନା ତାହା ବର୍ଣ୍ଣନାର ପରିସର ବାହାରେ। ଆପଣଙ୍କ ଗପରୁ ମନେ ହେଉଛି ଆପଣ ରାଜସ୍ଥାନ ବୁଲି ଦେଖିଛନ୍ତି ।'

'ସମ'ରେ ବାଲୁକା ପ୍ରାନ୍ତରରେ ଦୁଇଥର ମରୁମହୋତ୍ସବରେ ସେ ଆୟୋଜନ କରିଥିଲେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ଣ୍ଣିମା ରାତିରେ । ତା'ର ଭିଡିଓ ପାରିସ୍‌ରେ ବି ସ୍କ୍ରିନ୍ ଟାଙ୍ଗି ଦେଖା ହୋଇଥିଲା । ସେହିସବୁ ବାଣ କାରିଗରମାନଙ୍କୁ ସେ ଖୋଜି ଦୁର୍ମୂଲ୍ୟ ବାଣମାନ ତିଆରି କରାଇଥିଲେ। ସେସବୁରୁ ଗୋଟିଏ ବିସ୍ଫୋଟ ମରୁଭୂମିକୁ ଭିନ୍ନ ଭିନ୍ନ ରଂଗରେ ଚିତ୍ରିତ କଲା । ପ୍ରକୃତରେ ତାଙ୍କର ବର୍ଣ୍ଣନାର ଚାତୁରୀ, ଆଉ ମୁଁ ଯେ ମରୁଭୂମିକୁ ବୁଝି ପାରୁଛି, ସେଥିପାଇଁ ସେ ଏସବୁ ଲେଖିଥିଲେ।

ଲେଖିଥିଲେ 'ସମ'ର ଓଟଚାଳକ ଗୁଡ଼ାକ ଟିକିଏ ଲୋଭି। ସେମାନେ ଗରିବ ନୁହଁନ୍ତି । ଗରିବ ହେବାର ନାଟକ କରନ୍ତି। ଆପଣଙ୍କ ଗଳ୍ପରେ ତୀର୍ଯ୍ୟକ୍ ଭାବେ ପର୍ଯ୍ୟଟକ ମାନେ ଓଟପାଇଁ ହଇରାଣ ହେଉଥିବାର ଅନୁମାନ କଲି। ଜୈସାଲମିରର ବର୍ତ୍ତମାନ କଲେକ୍ଟର ହେମନ୍ତ ବୋରାକୁ ମୁଁ କହିଦେଇଛି। ଅବସ୍ଥାର ସୁଧାର କରିବା ପାଇଁ। ସାହିତ୍ୟ ବ୍ୟତୀତ, ଆପଣଙ୍କର ଗଳ୍ପ, ରାଜସ୍ଥାନର ପର୍ଯ୍ୟଟନକୁ ଲୋକପ୍ରିୟ କରିବ, ସେଥିପାଇଁ ଜୈସାଲମୀର, ଯୋଧପୁରର ପୂର୍ବ ଜିଲ୍ଲାଧୀଶ ରୂପେ ଓ ରାଜ୍ୟ ସରକାରଙ୍କ ତରଫରୁ ମୁଁ ଗଭୀର କୃତଜ୍ଞତା ଜଣାଉଛି ।



### ପ୍ରିୟ ପାଠକ

ବଡ଼ ଆଶ୍ଚର୍ଯ୍ୟ ଲାଗିଲା ମୋତେ । ସେ ଚିଠିରେ କିଛି ଛଳନା ନଥିଲା । ଜିଲ୍ଲାପାଳ ଥିବାରୁ ସମସ୍ୟାର ସମାଧାନ କରିବା କଥା ଭାବିଲେ । ଗପ ଲେଖି ଯେ କିଏ ସମାଜରେ ସୁଧାର ଆଣିବ, ଆଉ ଏମିତି ଏକ ଲୋକ ପଢ଼ିବେ, ସତରେ ତା' କରିପାରିବେ, ସେକଥା ମୁଁ କାହିଁକି ବା ଭାବିବି। ତେବେ ତାଙ୍କ ଅନ୍ତରଂଗ ଚିଠି, ନିରହଂକାର, ଛଳଛଳ ବକ୍ତବ୍ୟ ପାଖରେ ମୁଁ ନଇଁ ପଡ଼ିଲି । ତାଙ୍କ କର୍ତ୍ତବ୍ୟନିଷ୍ଠାକୁ ପ୍ରଶଂସା କରି ଚିଠି ଦେଲି। ତତ୍‌କ୍ଷଣାତ୍ ବିହିତ ବ୍ୟବସ୍ଥା ଗ୍ରହଣ କରିଥିଲେ। ଇଏ ତ ଗୋଟାଏ ଅପୂର୍ବ ସଂଯୋଗ। ଏମିତି ଚମକାଇ ଏକ ଏକ ଚିଠି ଆସେ, ଯାହା ବିଶ୍ୱାସ କରିହୁଏନି । ତଥାପି ତ ଘଟେ। ଲେଖକର ଲେଖନୀ ଯେ କେତେ ପ୍ରକାର ସମାଜକୁ ପ୍ରଭାବିତ କରେ, ତା' ମି. ମିଶ୍ରଙ୍କ ଚିଠି ପାଇଁ ହୃଦ୍‌ବୋଧ ହୋଇଥିଲା ସେଦିନ।


ସେହି ସବୁ ସୁନ୍ଦର ସୁନ୍ଦର ଚିଠି ଲେଖୁଥିବା, ଏବେ ଫୋନ୍ କରୁଥିବା ପାଠକମାନଙ୍କୁ ମୋର ଅଶେଷ ଧନ୍ୟବାଦ ସହ କୃତଜ୍ଞତା ଜଣାଉଛି । ତେବେ ପ୍ରିୟ ପାଠକଟିଏ ଚିରକାଳ ହୃଦୟରେ ରହିଯାଏ । ତେଣୁ ଜଣେ ପ୍ରିୟ ପାଠକଙ୍କୁ ଥରେ ଲେଖିଥିଲି 'ପ୍ରିୟ ପାଠକଟିଏ ନା ହୃଦୟଟିଏ।'

♥ ରାଜାବଗିଚା, କଟକ-
୭୫୩୦୦୯
ମୋ: ୯୪୩୭୬୭୨୫୮୫

---

## ସମୀକ୍ଷାୟନ...

# ଦିନେଶଙ୍କର ମାନବୀୟ ପ୍ରତିବେଦନରେ ଭୀମଭୋଇଙ୍କ ମହିମା



ସୁପ୍ରିୟା ମଲିକ୍

ହିନ୍ଦୀ ସାହିତ୍ୟଜଗତର ଅନନ୍ୟ ରୂପକାର ଇଞ୍ଜିନିୟର ଶ୍ରୀଯୁକ୍ତ ଦିନେଶ କୁମାର ମାଲିଙ୍କର ବ୍ୟକ୍ତିତ୍ୱ ଓ ରଚନାର ବୈଶିଷ୍ଟ୍ୟ ହେଉଛି ଭୂ-ସଂଲଗ୍ନତା ଓ ଉଜ୍ଜ୍ୱଳ ମାନବବାଦୀ ଚିନ୍ତାଧାରା। ତାଙ୍କ ରଚନାଗୁଡ଼ିକରେ ଅଭିବ୍ୟକ୍ତିର ଇଚ୍ଛାଠାରୁ ଗବେଷଣାର ପ୍ରୟାସ ଅଧିକ ସୁସ୍ପଷ୍ଟ। ପେଶାରେ ଇଞ୍ଜିନିୟର ଓ ନିଶାରେ ସାହିତ୍ୟିକ ଶ୍ରୀଯୁକ୍ତ ମାଲିଙ୍କ ଭିତରେ ଯାନ୍ତ୍ରିକତା ଓ ମୌଳିକ ସର୍ଜନଶୀଳତାର ଭାରସାମ୍ୟ ହେତୁ ତାଙ୍କର ବ୍ୟକ୍ତିତ୍ୱ ପରିପୂର୍ଣ୍ଣ ଓ ଜୀବନ-ଅଭିମୁଖୀ। ତାଙ୍କ ସାହିତ୍ୟରେ ସମ୍ବେଦନା, ସମୀକ୍ଷା ଓ ସଂଗୃହୀତ ତଥ୍ୟ ଓ ଜ୍ଞାନର ସମ୍ମିଶ୍ରଣ ଦେଖାଯାଏ। ସାହିତ୍ୟସର୍ଜନାପାଇଁ ଶ୍ରୀଯୁକ୍ତ ମାଲି 'ରାଜସ୍ଥାନ ସାହିତ୍ୟ ଏକାଡ଼େମୀ ପୁରସ୍କାର'ଓ 'ନନ୍ଦଦୁଲ୍ଲାରେ ବାଜପେୟୀ ସମ୍ମାନ'ରେ ସମ୍ମାନିତ। ଜଣେ ଗବେଷକ, ରଚୟିତା ଓ ଅନୁବାଦକ ଭାବରେ ସେ ଯେଉଁ ବିଶାଳ ତଥା ସମୃଦ୍ଧ ରଚନାଭଣ୍ଡାର ସୃଷ୍ଟିକରିଛନ୍ତି, ତନ୍ମଧ୍ୟରୁ ବହୁଭାଗ ରଚନା କ୍ରାନ୍ତି-ବିଚାର-ସମନ୍ୱିତ। ଜୀବନରେ ବା ସାହିତ୍ୟରେ 'ଗତିଶୀଳତା' ଓ 'ପରିବର୍ତ୍ତନ'ର ଆବାହନ କରୁଥିବା ବ୍ୟକ୍ତି, ବିଷୟ, ଘଟଣା ବା ଉପାଦାନକୁ ନେଇ ଲେଖିବା ତାଙ୍କ ସାହିତ୍ୟର ମୌଳିକ ଦିଗ। ଏପର୍ଯ୍ୟନ୍ତ ପ୍ରକାଶିତ ତାଙ୍କର ୨୫ରୁ ଉର୍ଦ୍ଧ୍ୱ ଅନୂଦିତ ପୁସ୍ତକ ଦେଶବିଦେଶରେ ବିଭିନ୍ନ ସ୍ତରରେ ଆଲୋଡ଼ନ ସୃଷ୍ଟିକରିଛି। ଲୋକ ସାହିତ୍ୟ ଓ ଲୋକସଂସ୍କୃତି ସମ୍ବନ୍ଧୀୟ ଜ୍ଞାନ, ଦକ୍ଷତା ଓ ଅବବୋଧ ହେତୁ ଶ୍ରୀଯୁକ୍ତ ମାଲିଙ୍କର ପୁସ୍ତକ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଶ୍ରେଣୀର ପାଠ୍ୟରୂପେ ଗୃହୀତ। ମଧ୍ୟ ପ୍ରଦେଶ ରାଷ୍ଟ୍ରଭାଷା ପ୍ରଚାର ସମିତି ଦ୍ୱାରା ସେ ୨୦୨୪ ମସିହାରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଇତିମଧ୍ୟରେ ୨୦୧୯-୨୦ ବର୍ଷ ପାଇଁ ଭାରତୀୟ ଅନୁବାଦ ପରିଷଦ ଶ୍ରୀଯୁକ୍ତ ମାଲିଙ୍କୁ ଡ଼ଃ ଗାର୍ଗୀ ଗୁପ୍ତ ଅନୁବାଦ ପୁରସ୍କାର ପାଇଁ ମନୋନୀତ କରିଛି।

'A fictional portrayal of saint poet Bhima Bhoi' ଉପନ୍ୟାସଟି ଶ୍ରୀଯୁକ୍ତ ଦିନେଶ କୁମାର ମାଲିଙ୍କର ସଦ୍ୟପ୍ରକାଶିତ ପୁସ୍ତକ। ୨୦୨୪ ମସିହାରେ ଏହା ପ୍ରକାଶିତ ହୋଇଛି। ସନ୍ଥକବି ଭୀମଭୋଇଙ୍କର ଜୀବନ ଓ ଦର୍ଶନକୁ ନେଇ ରଚିତ ଏହି ଉପନ୍ୟାସଟି ତାଙ୍କର ଅନୁଭୂତି, ଆବେଗ ଓ ମୁକ୍ତ-ବିଚାରର ଉଜ୍ଜ୍ୱଳ ଉଦାହରଣ।

### ॥ ସନ୍ଥକବିଙ୍କର ରଚନା ॥

ଉନ୍ନବିଂଶ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାରେ ପ୍ରସାରିତ ଭୀମଭୋଇଙ୍କ ଧର୍ମ ଆନ୍ଦୋଳନ ହିନ୍ଦୁଧର୍ମର ପୌତ୍ତଳିକତା, ମନ୍ତ୍ରପାଠ, ପୂଜାପଦ୍ଧତି ଓ ଜାତିଭେଦ ବିରୋଧରେ ସୃଷ୍ଟିକରିଥିଲା ପ୍ରବଳ ପ୍ରତିରୋଧ। ହିନ୍ଦୁଧର୍ମର ସାମାଜିକ ଓ ଧର୍ମୀୟ ନୀତିନିୟମକୁ ଅମାନ୍ୟକରି ଏକ ସ୍ୱତନ୍ତ୍ର ଜୀବନଧାରଣର ଧାରା ଆରମ୍ଭ କରିଥିଲେ ମହିମାଧର୍ମୀମାନେ। ମହିମାଧର୍ମୀ ଭୀମଭୋଇ ନିଜର ଜୀବନଶୈଳୀ ଓ ସାହିତ୍ୟରେ ମହିମାଧର୍ମର ପ୍ରସାର କରିଥିଲେ। ନିରାକାର, ନିର୍ଗୁଣ, 'ଶୂନ୍ୟ' ମହିମାକୁ ଗୁରୁ, ସ୍ୱାମୀ, ପୂଜା ଓ ପ୍ରେରଣାର ଉତ୍ସରୂପେ ଗ୍ରହଣ କରିଥିଲେ ଭୀମଭୋଇ। ବାଲ୍ୟକାଳର ଦୁଃଖ, ଦାରିଦ୍ର୍ୟ, କ୍ଷୁଧା ଓ ଅସହାୟତା ଭୀମଙ୍କ ଭିତରେ ସୃଷ୍ଟିକରିଥିବା କୋହ, ପରବର୍ତ୍ତୀ ସମୟରେ ସାହିତ୍ୟସର୍ଜନାର ପିଣ୍ଡ ଓ ପ୍ରେରଣା ରୂପେ ପ୍ରବାହିତ ହୋଇଛି। ଜୀବନର ଯନ୍ତ୍ରଣାନୁଭୂତି କବିତାରେ ରୂପାୟିତ ହେଲା। ଯେଉଁ ଶୂନ୍ୟତା ଦିନେ ପିତୃମାତୃହୀନ ବାଳକ ଭୀମଙ୍କୁ ଆତୁର କରିଥିଲା, ତାହାହିଁ ଅଭୁତପୂର୍ବ 'ମହିମା'ରେ ମହିମାନ୍ୱିତ ହୋଇ କାର୍ବିକ ସମର୍ପଣ ଦିଗରେ ଅନୁପ୍ରେରିତ କଲା ତାଙ୍କୁ। ତାଙ୍କ ମୁଖରୁ ସ୍ୱତଃଉଚ୍ଚାରିତ ଭଜନ, ଜଣାଣ ଓ ସ୍ତୁତିରାଶିକୁ ଲୋକମାନେ ଗାନକଲେ। ଖଞ୍ଜଣି ଗିନି ବଜାଇ ଗ୍ରାମରୁ ଗ୍ରାମାନ୍ତର ବୁଲିଲେ। ଲେଖାକାର ମାନେ ପାଖରେ ବସି ଭୀମଙ୍କ ମୁଖନିସୃତ ଭଜନକୁ ଲେଖିଲେ। ମହିମା ଆଶ୍ରମରେ ସେହିସବୁ କବିତା ଗାନ କରାଗଲା। ଭୀମଭୋଇଙ୍କ ରଚନାକୁ ମହିମାଧର୍ମର ମୌଳିକ ବିଚାରରୂପେ ଗ୍ରହଣ କରାଗଲା। ମହିମାଧର୍ମ କହିଲେ, ମାନବବାଦୀ, ଜୀବନଶୈଳୀ, ଭୀମଙ୍କ ରଚନାରେ ମାନବବାଦୀ ଶବ୍ଦ, ଶୈଳୀ, ବିଚାର ଓ ଦର୍ଶନ ସ୍ୱତଃ ଝରିଆସିଥିଲା। ତାହା ଥିଲା ମୁକ୍ତିର ମନ୍ତ୍ର। ୧୮୫୦ ମସିହାରେ ରେଢ଼ାଖୋଲ ନିକଟବର୍ତ୍ତୀ ଜଟାସିଙ୍ଗା ଗ୍ରାମରେ ଜନ୍ମହୋଇଥିଲେ ଭୀମଭୋଇ। ମହାନଦୀ କୂଳରେ ସୋନପୁରଠାରେ ତାଙ୍କ ଜୀବନର ସର୍ଜନାମୟ ବର୍ଷସବୁ ଅତିବାହିତ ହୋଇଥିଲା। ସେ ଖଲିଆପାଲିଠାରେ ଏକ ଆଶ୍ରମ ପ୍ରତିଷ୍ଠା କରି ସାହିତ୍ୟ ରଚନାରେ ମଗ୍ନ ରହିଲେ।

ଭୀମଭୋଇଙ୍କ ରଚନାବଳୀ ମଧ୍ୟରେ 'ସ୍ତୁତିଚିନ୍ତାମଣି' 'ଆଦିଅନ୍ତଗୀତା' 'ଶ୍ରୁତିନିଷେଧ ଗୀତା' 'ଅଷ୍ଟକ ବିହାରୀ ଗୀତା,' 'ନିର୍ବେଦ ସାଧନ,' 'ବ୍ରହ୍ମଚାଳକ' ଆଦି ରଚନାଗୁଡ଼ିକ ତାଙ୍କର ଦାର୍ଶନିକ ଚିନ୍ତା,; ସଂସ୍କାରବାଦୀ ମନୋଭାବ ଓ ଆଧ୍ୟାତ୍ମିକ ଅଭୀପ୍‌ସାକୁ ପ୍ରକାଶ କରିଛି। ହିନ୍ଦୁମାନଙ୍କର ଈଶ୍ୱର 'ପୁରୁଷୋତ୍ତମ' ବା 'ପୁରୁଷ ଶ୍ରେଷ୍ଠ' ଧାରଣାକୁ ଅବମାନନା କରି ଭୀମଭୋଇ 'ଅପୌରୁଷେୟ' 'ଶୂନ୍ୟ' 'ମହିମା'ଙ୍କର ମହିମା ପ୍ରଚାରକଲେ। ବ୍ରାହ୍ମଣବାଦୀ ସଂସ୍କୃତିର କେନ୍ଦ୍ରୀୟ ଅନୁଷ୍ଠାନ, 'ମନ୍ଦିର'କୁ କଠୋର ସମାଲୋଚନା କରି 'ଧର୍ମୀୟ ଛଳନାର'ରୂପକୁ ଉନ୍ମୁକ୍ତ କରିଦେଲେ। 'ଭୀମଭୋଇ ଗାଇଲେ –

"ଏ ଘଟେ ଜଗନ୍ନାଥ ଅଛି
ପ୍ରତିମା ମିଛରେ ପୂଜୁଛି
ମୂର୍ତ୍ତି, ପ୍ରତିମା, ଶୁଷ୍କକାଠ,
ସେ ପୁଣି ନେବକି ବୈକୁଣ୍ଠ।"

ପବିତ୍ର କହୁଥିବା ତୁଳସୀ ଗଛ ପ୍ରତି ହିନ୍ଦୁମାନଙ୍କର ବିଚିତ୍ର ବ୍ୟବହାରକୁ ବର୍ଣ୍ଣନା କରି ଭୀମ ଗାଇଲେ –


ତା' ପତ୍ର ପୁଷ୍ପକୁ ଛିଣ୍ଡାଇ,
ଛାଗଳ ମେଷ ପ୍ରାୟେ ଖାଇ
ଛାଗଳ ଯେହ୍ନେ ଚରେ ପତ୍ର,
ଅଙ୍ଗ ତା'କଲେ ଛିନ୍ନଛତ୍ର
ବିଷ୍ଣୁ ପରାୟେ ସେବାକଲେ,
ତା' ହସ୍ତଗୋଡ଼ ଛିଣ୍ଡାଇଲେ
ଭକ୍ଷିଲେ ତୁଣ୍ଡରେ ପୁରାଇ,
ଚୁମିଲେ ଦନ୍ତରେ ଲଗାଇ।"


ରାଜା ଓ ଜମିଦାରଙ୍କର ଅନ୍ୟାୟ ଶୋଷଣ ବିରୋଧରେ ନିଃସଙ୍କୋଚରେ କବିତା ରଚନା କଲେ ସେ। ମଣିଷକୁ ଦଳିତ ଓ ନିଷ୍ପେଷିତ କରି ରଖିବା ପାଇଁ ଯେତେ ବ୍ୟବସ୍ଥା, ସେସବୁ ବିରୋଧରେ ଭୀମଭୋଇଙ୍କ ରଚନାରେ ଉଦ୍‌ଗାରିତ ହେଉଥିଲା କ୍ରୋଧ ଓ ପ୍ରତିକ୍ରିୟା।

ବେଦର କର୍ମକାଣ୍ଡ ସାହାଯ୍ୟରେ ପୁରୋହିତ ବ୍ରାହ୍ମଣ ଲୋକମାନଙ୍କୁ ଶୋଷଣ କରେ। ଧର୍ମର ପୃଷ୍ଠପୋଷକତା କରି ରାଜା ବ୍ରାହ୍ମଣବାଦୀ ଶୋଷଣରେ ସହାୟତା କରନ୍ତି। ବୈଦିକ କର୍ମକର୍ମାଣୀରେ ସହଯୋଗ କରୁଥିବା ବାରିକ, ଧୋବା ଆଦି ଶୋଷଣଯନ୍ତ୍ରର ଅଂଶରୂପେ କାମକରନ୍ତି। ଏଣୁ ମହିମା ସନ୍ନ୍ୟାସୀମାନେ ଶୋଷଣବିରୋଧୀ ବିଚାରରୁ ଏହି ବର୍ଗଙ୍କୁ ଧର୍ମର ଅନ୍ତର୍ଭୁକ୍ତ କରୁନଥିଲେ ଏବଂ ସେମାନଙ୍କ ଘରୁ ଭିକ୍ଷା ନେଉନଥିଲେ ବା ଖାଦ୍ୟ ଗ୍ରହଣ କରୁନଥିଲେ। ଧନ ସମ୍ପତ୍ତି ପ୍ରତି ଲୋଭରୁ ମୁକ୍ତ ଥିଲେ। ମୌଳିକ ଆବଶ୍ୟକତା ପରିପୂରଣ କରି ଜୀବନ ବଞ୍ଚୁଥିଲେ। ସାମାଜିକ ମୋହରୁ ଦୂରେଇ ରହୁଥିଲେ। କିନ୍ତୁ ସାମାଜିକ ବୈଷମ୍ୟ ଦୂରକରି ପରିବର୍ତ୍ତନ ଆକାଂକ୍ଷାରେ ଜୀବନଯାପନ କରୁଥିଲେ।

ମହିମା କହିଲେ ପ୍ରତିବାଦର ଧର୍ମ। ଭୀମଭୋଇଙ୍କ ରଚନାରେ ପ୍ରତିବାଦର ସ୍ୱର ଯେତିକି ପ୍ରଖର, ମାନବିକତାର ସ୍ଫୁରଣ ସେହିପରିମାଣରେ, ପ୍ରମୂର୍ତ୍ତ। ଧର୍ମୀୟ ଆନ୍ଦୋଳନରେ ପ୍ରସାରିତ ହୋଇଥିବା ଭୀମଙ୍କ ଜୀବନାଦର୍ଶ ବହୁଲୋକଙ୍କୁ ଆକର୍ଷିତ କରିଥିଲା। ସେ ଥିଲେ ଗୁରୁ, ସ୍ୱାମୀ, କବି, ସଂସ୍କାରକ, ଦାର୍ଶନିକ। ତାଙ୍କର ଶିଷ୍ୟ ଓ ଭକ୍ତମାନେ ତାଙ୍କୁ ଫୁଲଚନ୍ଦନ ଦେଇ ପୂଜା କରୁଥିଲେ। କବିଙ୍କ କଣ୍ଠରୁ ସ୍ଫୁରିତ ହୋଇଥିଲା ବିଶ୍ୱମଙ୍ଗଳର କବିତା –

"ଏଜନ ଜଗତ ହତ
ହୋଇଗଲେ କାହିଁ ପ୍ରସରିବି ମୁହିଁ ?
ତେଣୁ କରିସିନା ଶ୍ରୀଗୁରୁ ଛାମୁରେ
ନିତି ପ୍ରାର୍ଥନା କରଇ।"






ଜଣାଣ, ଭଜନ, ସ୍ତୁତି ରୂପେ ଅଭିବ୍ୟକ୍ତ କବିତା ଗୁଡ଼ିକରେ କୌଣସି ହିନ୍ଦୁ ଦେବାଦେବୀଙ୍କର ସ୍ତୁତିଗାନ ଦେଖାଯାଏ ନାହିଁ। କୌଣସି ନିର୍ଦ୍ଦିଷ୍ଟ ବିଭୁତି ସମନ୍ୱିତ ଦେବତା ବା ଦେବୀଙ୍କ ନିକଟରେ ନିଜର ଦୁଃଖ ଜଣାଇନାହାନ୍ତି ସେ। ପ୍ରାର୍ଥନା କରିନାହାନ୍ତି ଧନ, ଜନ, ଗୋପଲକ୍ଷ୍ମୀ, ମୁକ୍ତି ଅବା ଶାନ୍ତି ପାଇଁ। ନିର୍ବେଦ, ନିରାକାର, ଶୂନ୍ୟ ନିକଟରେ ବିଶ୍ୱମଙ୍ଗଳ ଉଦ୍ଦେଶ୍ୟରେ ଅଭିବ୍ୟକ୍ତ ତାଙ୍କର ଆତ୍ମିକ ନିବେଦନ। ସେଥିପାଇଁ ସେ ସ୍ୱତନ୍ତ୍ର। ତାଙ୍କର ରଚନା ସ୍ୱତନ୍ତ୍ର ଓ ଅନନ୍ୟ। ଲୋଭମୋହରୁ ମୁକ୍ତ ଏକ ପତସ୍ୱୀର ସାଧନାରେ ଅଭିନିବିଷ୍ଟ ସନ୍ଥକବିଙ୍କର ରଚନାବଳୀ ବିଳମ୍ବରେ ଲୋକଲୋଚନକୁ ଆସିଲା। ଦାର୍ଶନିକ, ଗବେଷକ ତାଙ୍କର ରଚନାକୁ ଅନୁଶୀଳନ କଲେ ଓ ଏହାର ମହତ୍ତ୍ୱ ଓ ମୌଳିକତା ପ୍ରସାରିତ ହେଲା।

\+ + + + +

ଭୀମଭୋଇଙ୍କ କବିତାକୁ ଇଂରାଜୀ ଭାଷାକୁ ଅନୁବାଦ କରି, ଅତ୍ୟନ୍ତ ମାର୍ମିକ କରିତୋଳନ୍ତି ଔପନ୍ୟାସିକ।

ଉପନ୍ୟାସଟିରେ ଯେଉଁ ଯେଉଁ ସ୍ଥାନରେ ଭୀମଭୋଇଙ୍କ କବିତାକୁ ଅନୁସରଣ କରି ନିଜର ଭାବାବେଗ ବ୍ୟକ୍ତ କରନ୍ତି ଶ୍ରୀଯୁକ୍ତ ମାଲି, ମନେହୁଏ ଯେପରି "ସୂର୍ଯ୍ୟଭଳି ଉଦୟ ହେଉଛି ତାଙ୍କର ରଚନା।" ସାହିତ୍ୟ, ଭାବାବେଗ, ଭୀମଭୋଇ ଓ ମାଲି ସମସ୍ତେ ଏକାକାର ହୋଇ ମିଳେଇ ଯାଇଛନ୍ତି ଏକ 'formless form' ଭିତରେ। ସେଥିରୁ ଜନ୍ମ ନେଇଛି ପୁସ୍ତକ 'A fictional portrayal of saint-poet Bhima Bhoi'

'ଅରୂପ' କହିଲେ ରୂପହୀନ। ରଚନାର ରୂପ ଅଛି ସତ; କିନ୍ତୁ ତାହା ଗତିଶୀଳ, ପ୍ରସାରଣଶୀଳ। ତାହା ନିର୍ଦ୍ଦିଷ୍ଟ ନୁହେଁ; ବରଂ ଦିଗଦିଗନ୍ତକୁ ବ୍ୟାପିଯିବାର ସମ୍ଭାବନା ତାହାର ପରିଧି ଓ କ୍ଷେତ୍ରଫଳକୁ ପରିବର୍ତ୍ତନଶୀଳ କରିରଖିଛି।

ପୁସ୍ତକରେ ଅନେକ ବ୍ୟକ୍ତିବିଶେଷଙ୍କ ସହିତ ସାକ୍ଷାତ, ଆଲୋଚନା, ପର୍ଯ୍ୟାଲୋଚନା ତଥା ଦର୍ଶନ ଓ ବିଚାରର ଆଦାନପ୍ରଦାନର ବର୍ଣ୍ଣନା ରହିଛି। ସେସବୁ ପୁସ୍ତକର ସୀମାକୁ ଗତିଶୀଳ କରିରଖିଛି। ଭାଷା, ଭାବ, ରଚନାଶୈଳୀ ଓ ଭୀମଭୋଇଙ୍କ ସହିତ ଲେଖକଙ୍କର ଏକାତ୍ମକତା ଋଦ୍ଧିମନ୍ତ କରିଛି ଉପନ୍ୟାସଟିକୁ। ଏହା ଉତ୍ତୀର୍ଣ୍ଣ ସାହିତ୍ୟକୃତି ରୂପେ ଗୃହୀତ ହେବାର ଯୋଗ୍ୟତା ହାସଲ୍ କରିଛି। ପୁସ୍ତକଟି ପାଠକମାନଙ୍କୁ ବାନ୍ଧିରଖୁଛି। ଭାବନାକୁ ମୁକ୍ତ କରୁଛି ଓ ବିଶ୍ୱପ୍ରାଣତାର ଆବାହନ ଭିତରେ ମାନବିକ ସମ୍ପର୍କର ସୂକ୍ଷ୍ମ ସୂତା ଦେଇ ବୁଣିଚାଲିଛି ମୂଳଭୂତ ଜୀବନ।

ଭୀମଭୋଇଙ୍କ କବିତାରେ ଈଶ୍ୱରଙ୍କ ପରିକଳ୍ପନା ନାହିଁ। ବରଂ 'temple of void' is true. ଅର୍ଥାତ୍ ଶୂନ୍ୟମନ୍ଦିରର ବାସ୍ତବତା ଉପଲବ୍ଧ। 'ସ୍ୱର୍ଗ'ର ବର୍ଣ୍ଣନା ନାହିଁ। ନିରାକାରଙ୍କର ଅସ୍ତିତ୍ୱ ହେଉଛି 'name less unknown realm.' ତାହା କୌଣସି 'ସ୍ୱର୍ଗ' କିମ୍ବା ମନ୍ଦିର ନୁହେଁ। ପୁସ୍ତକଟିରେ ଭୀମଭୋଇଙ୍କର ଅସାଧାରଣ ରଚନା କେତୋଟିକୁ ଇଂରାଜୀ ଭାଷାରେ ଅନୂଦିତ କରିଛନ୍ତି ଲେଖକ, ଯାହା ଭୀମ ପ୍ରଭାବକୁ ବିଶ୍ୱବ୍ୟାପୀ କରିବାର ଅନ୍ୟତମ ପ୍ରୟାସ ଅନ୍ୟଦିଗରେ ମହିମାଧର୍ମୀ ଭୀମଭୋଇଙ୍କୁ ହିନ୍ଦୁଧର୍ମୀ ବିଚାର ମାଧ୍ୟମରେ ପ୍ରକାଶ କରିଛନ୍ତି ଲେଖକ ଶ୍ରୀଯୁକ୍ତ ମାଲି। ଆତ୍ମା ପରମାତ୍ମା, ଜନ୍ମ, ପୁନର୍ଜନ୍ମଭଳି ହିନ୍ଦୁଧର୍ମର ବିଚାରରେ ଆର୍ଦ୍ର ଲେଖକୀୟ ଭାବନା ଅନେକ ସ୍ଥାନରେ ପ୍ରକାଶିତ ହୋଇଛି। ଯେମିତି କି ଜଟାସିଙ୍ଗା ଗ୍ରାମରେ ପ୍ରତ୍ୟେକ ଲୋକଙ୍କ ଭିତରେ ପ୍ରମୂର୍ତ୍ତ ଭୀମଭୋଇଙ୍କ ଆତ୍ମାକୁ ଅନୁଭବ କରୁଛନ୍ତି। ଅଥବା ଲେଖକ ବହୁବାର ଅନୁଭବ କରିଛନ୍ତି ଯେ, ତାଙ୍କ ଭିତରେ ମଧ ଭୀମଙ୍କର ଆତ୍ମା ବିଦ୍ୟମାନ ଅଛି, ଯାହାଦ୍ୱାରା ସେ ଭୀମରଚିତ କବିତା ଗୁଡ଼ିକର ଉପଯୁକ୍ତ ଅର୍ଥ ବୁଝିପାରିବେ। ମହିମା ଧର୍ମ ଓ ଭୀମଭୋଇଙ୍କ ଦର୍ଶନରେ 'ଆତ୍ମା'ର ପରିକଳ୍ପନା ନାହିଁ। କିନ୍ତୁ ଲେଖକ ନିଜର ଅନୁଭୂତିର ଅଭିବ୍ୟକ୍ତି ପାଇଁ 'ଆତ୍ମା' ଶବ୍ଦର ବାରମ୍ବାର ପ୍ରୟୋଗ କରିଛନ୍ତି। ଏହାର ଅର୍ଥ ହୋଇପାରେ ଯେ, 'ଅଭିବ୍ୟକ୍ତି ପାଇଁ ଶବ୍ଦର ଅଭାବ ଅନୁଭୂତ ହୋଇଛି।' 'ଭାଷାନ୍ତର' ଅନୁବାଦକଙ୍କର ବ୍ୟକ୍ତିତ୍ୱ ଓ ମୂଲ୍ୟବୋଧକୁ ଆଧାର କରିବା ଅସ୍ୱାଭାବିକ ନୁହେଁ। ବାଲ୍ୟକାଳରେ ଅସହାୟ ଭୀମ ଯେମିତି କ୍ରନ୍ଦନ କରିଥିବେ, ଠିକ୍ ସେହି କୋହ ନେଇ କାନ୍ଦିଛନ୍ତି ଲେଖକ। 'impenetrable darkness' ବା ଦୁର୍ଭେଦ୍ୟ ଅନ୍ଧକାର ଭଳି ବ୍ୟାପ୍ତ ଅସହାୟତାରେ ଶୂନ୍ୟ ନିକଟରେ ଆତ୍ମ ସମର୍ପଣ କରିଛନ୍ତି ସେ। ତାଙ୍କର 'ସମର୍ପଣଭାବ' ସର୍ଜନାର ସ୍ଫୁରଣ ଘଟାଇଛି। ସେଥିରୁ ହିଁ ଉପନ୍ୟାସର ଜନ୍ମ।

ଲେଖକ ଶ୍ରୀଯୁକ୍ତ ମାଲିଙ୍କର ସମର୍ପଣ ଭାବର ଶିଖର ପ୍ରକାଶିତ ହୋଇଛି ଶେଷ ବାକ୍ୟଗୁଡ଼ିକରେ-

On the pretext of the biography of the saint-poet Bhima Bhoi, Anand learned the sadhana, Hinduism, various versatile experiences through the most mysterious and strange journey of the framework of the new Mahima Religion.

♥malliksupriya3@gmail.com

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୭ ଅକ୍ଟୋବର ୨୦୨୪
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ପରମାର୍ଥ

ଚେତନାର ଦର୍ପଣ - ୪୫



## ଲଳିତ ମୋହନ ମିଶ୍ର

ପରମାର୍ଥ ହେଉଛି ଜୀବନର ଚରମ ଲକ୍ଷ୍ୟ ହାସଲ କରିବା । ପ୍ରାଚୀନ କାଳରେ ଯେଉଁ ମାନଙ୍କ ପାଇଁ.. ପୃଥିବୀରେ ସତ୍ୟ ଯୁଗ ଥିଲା, ସେମାନଙ୍କୁ ପୃଥିବୀର ଦେବତା ବା ବ୍ରାହ୍ମଣ କୁହାଯାଉଥିଲା । ଏହି ବ୍ରାହ୍ମଣମାନେ ଆକାଶରୁ ଆସି ନଥିଲେ, କିନ୍ତୁ ଏହା ପଛରେ ଥିଲା ସେମାନଙ୍କର ଶ୍ରେଷ୍ଠ ଜୀବନଶୈଳୀ ଜୀବନଚର୍ଯ୍ୟା । ସେମାନଙ୍କର ଶ୍ରେଷ୍ଠତାର ମୂଳ ଆଧାର ଥିଲା - ପରମାର୍ଥ । ସେମାନେ ନିଜକୁ ସମର୍ପିତ କରିଥିଲେ ସମାଜ ପାଇଁ । ପରମାର୍ଥ କ'ଣ ? ଆମର ମୋଟା ବୁଦ୍ଧିରେ ଦାନକୁ ପରମାର୍ଥ ବୋଲି ବିବେଚନା କରୁ । ସାଧାରଣ ଲୋକ ତ ଦାନକୁ ସିଧାସଳଖ ଧନ ଦାନ ବୋଲି ବିବେଚନା କରନ୍ତି । ଶାସ୍ତ୍ରରେ ଦାନର ପ୍ରଶଂସା କରାଯାଇଛି। ଦାନକୁ ଉଚ୍ଚକୋଟୀର ପୂଣ୍ୟ ବା ପରମାର୍ଥ ବୋଲି କୁହାଯାଏ । ବ୍ୟକ୍ତିଗତ ସ୍ୱାର୍ଥ, ମୁକ୍ତି ପାଇବା, ମୋକ୍ଷ ଲାଭ କରିବା, ସଫଳତା ଲାଭ କରିବା ଇତ୍ୟାଦି ଉଦ୍ଦେଶ୍ୟରେ ଦିଆଯାଉଥିବା ଦାନ ପ୍ରକୃତ ପରମାର୍ଥ ନୁହେଁ । ବାସ୍ତବରେ ଜଲାରାମଙ୍କ ଭଳି ଦାନୀ ଉଚିତ୍। ଜଲାରାମ ନିଜେ ଚାଷ କରୁଥିଲେ। ସେହି ରୋଜଗାରରୁ ତାଙ୍କର ପତ୍ନୀ ଖାଦ୍ୟ ପ୍ରସ୍ତୁତ କରି ଅସହାୟ ମାନଙ୍କୁ ଖାଇବାକୁ ଦେଉଥିଲେ । ଜଲାରାମ ଚାଷ କରିବା ସମୟରେ ଏବଂ ତାଙ୍କ ପତ୍ନୀ ଭୋଜନ ପ୍ରସ୍ତୁତି କରିବା ସମୟରେ ମନରେ ଦାନ କରିବାର ଭାବ ରଖୁଥିଲେ । ଏହି ଉଦାହରଣ ଅନୁକରଣ ଯୋଗ୍ୟ । ଏହା ଜରୁରୀ ନୁହେଁ ଯେ ଟଙ୍କା ହିଁ ଦାନର ଆଧାର ହେବା ଉଚିତ୍ । ଏପରି ଅଗଣିତ ଲୋକ ଅଛନ୍ତି, ଯେଉଁମାନେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ସଞ୍ଚୟ କରିବା ପାଇଁ ସେମାନଙ୍କର ସୁଯୋଗ ନାହିଁ, ଯାହାକୁ ସେ ଦାନ କରିପାରିବେ । ପ୍ରାଚୀନ କାଳରେ ସାଧୁ ଓ ବ୍ରାହ୍ମଣମାନେ ମଧ୍ୟ ସମାନ କାମ କରୁଥିଲେ । ଅପରିଗ୍ରହୀ ଅର୍ଥାତ୍ ଲୋଭ କରି ସଞ୍ଚୟ କରିବା ବା ଅଧିକ ଅର୍ଥ ସଂଗ୍ରହ କରିବା ସେମାନଙ୍କର ଉଦ୍ଦେଶ୍ୟ ନଥିଲା, ତେଣୁ ସେମାନେ ସର୍ବଦା ପରୋପକାରୀ ଓ ଉଦାରମନା ଥିଲେ । ସେମାନେ ସର୍ବଦା ନିଜର ସମୟ, ପରିଶ୍ରମ ଓ ଜ୍ଞାନ ଅନ୍ୟମାନଙ୍କୁ ଦେଉଥିଲେ। କିଛି ଲୋକ ଭାବନ୍ତି, ପରିଶ୍ରମ କରି, ଠକି ଭଣ୍ଡି ରୋଜଗାର କରିଥିବା ଅର୍ଥ ଦାନ କରିଦେଲେ, ପାପରୁ ମୁକ୍ତି ମିଳିବ । ଏପଟେ ସେମାନଙ୍କର ଧନ ଉପରେ ତୀକ୍ଷ୍ଣ ନଜର ଥାଏ, ଦାନ ଗ୍ରହଣକାରୀ ଏଥର ଯାହା ଚାହିଁବ ତାହା କରି ପାରିବ । ଦାନ ଦେବାପରେ ତୁମର ସେଥିରେ ସତ୍ତ୍ୱ ରହିବା ଉଚିତ୍ ନୁହେଁ । ନଚେତ୍ ଦାନ ଦେବାର କୌଣସି ମୂଲ୍ୟ ନାହିଁ । ଆମେ ଦାନ ଦେବା ପାଇଁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବା ଦରକାର । ତାର ହୃଦୟକୁ ଭଲ ଭାବରେ ପରଖିବା ଦରକାର । ସର୍ବଦା ସୁପାତ୍ର ଖୋଜି... ଯିଏ ଅର୍ଥ, ସମୟ, ପ୍ରତିଭା ଓ ପରିଶ୍ରମକୁ ଯୋଗ୍ୟ ବିଚାର କରୁଥିବ ସେଭଳି ବ୍ୟକ୍ତିଙ୍କୁ ଦାନ ଦେବା ଉଚିତ୍ । ନଚେତ୍ ଆମେ ସମାଜପାଇଁ ବହୁତ କ୍ଷତି କରୁଛୁ ବୋଲି ଭାବିବା ଉଚିତ୍ । ଅଯଥା ଲୋକଙ୍କୁ ଦାନ ଦେଇ ଅଳସୁଆ ଓ ନିକମା କରୁଅଛେ । ପ୍ରକୃତ ଅର୍ଥ ହେଉଛି ଯୋଗ୍ୟ ବ୍ୟକ୍ତିଙ୍କୁ ଦିଆଯାଇଥିବା ଦାନ... ପ୍ରକୃତ ଦାନ ଓ ପୁଣ୍ୟ। ତାହା ହିଁ ହେଉଛି ପରମାର୍ଥ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ବିଜୁବାବୁଙ୍କ ବୀରତ୍ୱର ଦିନଟିଏ



## ବିପିନ ବିହାରୀ ରାଉତ

ଅକ୍ଟୋବର ୨୭ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବୀରତ୍ୱର ଦିନଟିଏ। ୧୯୪୭ ମସିହାର ଏହି ଦିନରେ ପାକିସ୍ତାନୀ ସେନାର ଗୁଳିଗୋଳା ବର୍ଷଣକୁ ବେଖାତିର କରି ବିଜୁ ପଟ୍ଟନାୟକ ସେନାକୁ କାଶ୍ମୀରର ଶ୍ରୀନଗର ବିମାନ ଘାଟିରେ ପ୍ରଥମେ ପହଞ୍ଚାଇଥିଲେ। ଆଜି ଦେଶ ସଗୌରବେ ଏହି ଦିନଟିକୁ ପାଳନ କରୁଛି ଏବଂ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଉଛି। କୁହାଯାଏ ଯଦି ସେହିଦିନ ଭାରତର ସୈନିକମାନେ ଶ୍ରୀନଗରରେ ପହଞ୍ଚିନଥାନ୍ତେ ତେବେ ହୁଏତ ଜାମ୍ମୁ-କାଶ୍ମୀର ଆଜି ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିନଥାନ୍ତା। ଶ୍ରୀନଗରରୁ ମାତ୍ର ୩୦ କିମି ଦୂରରେ ପହଞ୍ଚି ସାରିଥିବା ପାକିସ୍ତାନ ସେନାର କବ୍‌ଜାକୁ ଚାଲିଯାଇଥାନ୍ତା। ବିଜୁବାବୁ ହିଁ ସେହି ବ୍ୟକ୍ତି ଯିଏ କାଶ୍ମୀର ସୁରକ୍ଷାର ସମ୍ପୂର୍ଣ୍ଣ ଶ୍ରେୟ ପାଇବେ। ସେତେବେଳକୁ ଭାରତ ସ୍ୱାଧୀନ ହୋଇସାରିଥିଲା। କିନ୍ତୁ କାଶ୍ମୀର ଭାରତ ସହ ମିଶିନଥିଲା। ମହାରାଜା ହରି ସିଂ କାଶ୍ମୀରର ଶାସନକର୍ତ୍ତା ଥିଲେ। ପାକିସ୍ତାନ କାଶ୍ମୀର ଅଧିକାର କରିବାକୁ ଅଭିଯାନ ଆରମ୍ଭ କରିଥିଲା ଏବଂ ସଫଳତା ପରେ ସଫଳତା ପାଇ ଚାଲିଥିଲା। ହରି ସିଂ ଭାରତର ସହାୟତା ଲୋଡ଼ିଥିଲେ ମଧ୍ୟ ସେନା ପହଞ୍ଚିବା ସମ୍ଭବପର ନଥିଲା। ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ବିଜୁ ପଟ୍ଟନାୟକଙ୍କ ପରାମର୍ଶ ଲୋଡ଼ିଥିଲେ ଓ କିଭଳି ଶ୍ରୀନଗରକୁ ସେନା ଯିବ ସେଥିପାଇଁ ବିଚାରମର୍ଷ କରିଥିଲେ। ପାକିସ୍ତାନୀ ସେନାର ବଳୟ ଭିତରେ ପଶି ଶ୍ରୀନଗରରେ ଭାରତୀୟ ସେନାବାହିନୀକୁ ପହଞ୍ଚାଇବାର ଏକ ଦୁଃସାହସିକ କାର୍ଯ୍ୟ କିଏ କରିବ ସେ ନେଇ ସ୍ଥିର ହୋଇପାରି ନଥିଲା। ଶେଷକୁ ବିଜୁ ପଟ୍ଟନାୟକ ହିଁ ଆଗଭର ହୋଇଥିଲେ ଓ ଭାରତୀୟ ସେନାକୁ ଶ୍ରୀନଗରରେ ପହଞ୍ଚାଇବାର ଦାୟିତ୍ୱ ନେଇଥିଲେ। ୧୯୪୭ ମସିହା ଅକ୍ଟୋବର ୨୭ ତାରିଖ ଭୋରରୁ ଭାରତୀୟ ସେନା ଶ୍ରୀନଗରରେ ପହଞ୍ଚିଥିଲା।



ଶିଖ୍ ରେଜିମେଣ୍ଟର ସୈନିକମାନେ ସେଠାରେ ପ୍ରଥମେ ପହଞ୍ଚିଥିଲେ। ପରେ ପାକିସ୍ତାନ ସେନାବାହିନୀ ପଛଘୁଞ୍ଚା ଦେଇଥିଲା ଓ କାଶ୍ମୀର ସୁରକ୍ଷିତ ରହିଥିଲା। ଦେଶ ଆଜି ସେହି ବୀରତ୍ୱର ୭୦ତମ ଦିବସ ପାଳନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ବୀର ଯବାନମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ଏ ନେଇ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇଛି। ଗୌରବର ବିଷୟ ଯେ ଯଦିଓ ଭାରତ ସରକାର ବୀରତ୍ୱର ଏହି ଦିବସରେ ବିଜୁ ପଟ୍ଟନାୟକଙ୍କୁ ମନେପକାଇ ନାହାନ୍ତି, ତେବେ ସୋସିଆଲ ମିଡ଼ିଆରେ ବିଜୁବାବୁଙ୍କ ନାମ ଉଲ୍ଲେଖ ହୋଇଛି। ଉତ୍ତରପ୍ରଦେଶ ଆଗ୍ରାର ଅମିତ ଜୟସ୍ୱାଲ ଜୈନ ନାମକ ଜଣେ ବ୍ୟକ୍ତି ବିଜୁବାବୁଙ୍କ ଫଟୋ ସହ କିଭଳି ସେ ଦିନ ଶ୍ରୀନଗରରେ ବିଜୁବାବୁ ତାଙ୍କର ପ୍ରଥମ ବିମାନ ଓହ୍ଲାଇଥିଲେ, ତାହା ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି ଯେ, ଓଡ଼ିଶାର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନିଜେ ପାଇଲଟିଂ କରି ପ୍ରଥମ ବିମାନ ଶ୍ରୀନଗରରେ ୧୯୪୭ ମସିହା ଅକ୍ଟୋବର ୨୭ ତାରିଖରେ ଓହ୍ଲାଇଥିଲେ। ତାହା ଥିଲା ତାଙ୍କର ଡକୋଟା ବିମାନ। ଅମିତଙ୍କ ଏହି ଟ୍ୱିଟ ପରେ ସୋସିଆଲ ମିଡ଼ିଆରେ ଅନେକ ଲୋକ ଏକଥା ପୂର୍ବରୁ ଜାଣିନଥିବା ନେଇ ଉଲ୍ଲେଖ କରିବା ସହ ବିଜୁବାବୁଙ୍କ ବୀରତ୍ୱକୁ ପ୍ରଶଂସା କରିଛନ୍ତି। ରାଜେନ୍ଦ୍ର ଆସ୍ଥାନା ଲେଖିଛନ୍ତି ଯେ ବିଜୁବାବୁଙ୍କ ଡକୋଟା ବିମାନକୁ ସେତେବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୫୦୦ ପୁରୁଷ ଓ ମହିଳା କାର୍ଯ୍ୟକର୍ତ୍ତା ହାତରେ ଲାଠିଧରି ପାଇଲଟିଂ କରାଇଥିଲେ। ସନ୍ଧ୍ୟା ଜୈନ ସାଲ୍ୟୁଟ, ବିଜୁଦା, ବୋଲି ଲେଖିଥିବାବେଳେ ଅନେକ ବ୍ୟକ୍ତି ବିଜୁବାବୁଙ୍କ ସାହସକୁ ଭୂୟସୀ ପ୍ରଶଂସା କରିଛନ୍ତି। ଭାରତୀୟ ସେନାର ଉତ୍ତରାଞ୍ଚଳ, କମାଣ୍ଡ ପକ୍ଷରୁ ଏ ନେଇ ଏକ ଟ୍ୱିଟ୍ କରାଯାଇଥିବାବେଳେ ବିଜୁବାବୁଙ୍କ କଥା ସାଂସଦ ବୈଜୟନ୍ତ ପଣ୍ଡା ସେହି ଟ୍ୱିଟର ଉତ୍ତରରେ ଦର୍ଶାଇଛନ୍ତି।

ବିଜୁବାବୁଙ୍କ ବୀରତ୍ୱର ଗାଥା ଦେଶର ସ୍ୱାଧୀନତା ଆନ୍ଦୋଳନ ଓ ସୁରକ୍ଷା ଇତିହାସରେ ଅଲିଭା ସ୍ୱାକ୍ଷର ହୋଇ ରହିଛି। ଇଣ୍ଡୋନେସିଆର ସୁରକ୍ଷା ହେଉ ଅବା କାଶ୍ମୀରର, ସବୁଠି ତାଙ୍କ ବୀରତ୍ୱ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତେବେ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜୁବାବୁଙ୍କ ଜୀବନ ଦେଶପ୍ରେମ ଓ ଦୁଃସାହସର ସମ୍ମିଶ୍ରଣ। ଯଦିଓ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନରେ ବିଜୁବାବୁଙ୍କର ଦୁଃସାହସିକତା ଗୁରୁତ୍ୱ ଲାଭ କରିଛି ତେବେ କାଶ୍ମୀରର ସୁରକ୍ଷାରେ ତାଙ୍କର ଅବଦାନ କମ୍ ନଥିଲା।

♥ ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,

# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର



### ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

(୪୪)

### ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ସହଯୋଗ

ଏତେବଡ ସେତୁବନ୍ଧ ବାନ୍ଧିବାରେ ସାମାନ୍ୟ ଗୁଣ୍ଡୁଚିମୂଷାର ବା କି ଅବଦାନ ଥାଇପାରେ ବୋଲି ଭାବି କେତେଜଣ ହସନ୍ତି। କିନ୍ତୁ, ଲୋକକଥା ରହିଛି, ପୁରାଣରେବି ଉଲ୍ଲେଖ ଥିବାରୁ ଅବିଶ୍ୱାସ କରିବାର କାରଣ କିଛିନାହିଁ । ଯେ କୌଣସି ମହତ୍ କାର୍ଯ୍ୟର ସୁ ସମ୍ପାଦନ ନିମନ୍ତେ ବରଷ୍ଠ କନିଷ୍ଠ, ଧନୀ ନିର୍ଦ୍ଧନ, ସବଳ ଦୁର୍ବଳ ସମସ୍ତଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ।

ମୋ ପିଲାଦିନେ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଶିକ୍ଷାଲାଭ କରିବାରେ ଯେମିତି ନାନା ବାଧାବିଘ୍ନର ସମ୍ମୁଖୀନ ହୋଇଛି, ଯୁବାବସ୍ଥାରେ ମଧ୍ୟ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷାଲାଭ କରିବା ନମନ୍ତେ ତତୋଧିକ ଆହ୍ୱାନକୁ ସହ୍ୟକରି ସଫଳତା ହାସଲ କରିଛି। କିନ୍ତୁ, ସଦାବେଳେ ଓ ସର୍ବତ୍ର ଏବଂ ସମସ୍ତଙ୍କ ପକ୍ଷରେ ଏହା ସମ୍ଭବ ହୋଇ ନଥାଏ। ସେଥିପାଇଁ ଦୃଢ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ।

ସେଇଥିପାଇଁ ଯେତେବେଳେ ଯେ କୌଣସି ଦରିଦ୍ର ପରିବାରର ଅଧ୍ୟୟନରତ ବା ଅଧ୍ୟୟନେଚ୍ଛୁ ଛାତ୍ର, ମୋ ନିକଟରେ ସାହାଯ୍ୟ ନିମନ୍ତେ ଉପସ୍ଥିତ ହୋଇଛି, ତାହାକୁ ମୁଁ ମୋର ଯଥାସାଧ୍ୟ ସାହାଯ୍ୟ କରିଛି ତାହା ପୁସ୍ତକ ଆକାରରେ ହେଉ ବା ଅର୍ଥ ଆକାରରେ ହେଉ।

କିନ୍ତୁ , ସଦାବେଳେ ମନରେ ଏକ ଭାବନା ଉଦୟ ହେଉଥାଏଯେ ଯଦି ଶିକ୍ଷାର ସୁବିଧା ନିଜ ଗୃହ ନିକଟରେ ମିଳନ୍ତା, ତାହେଲେ ଛାତ୍ରଛାତ୍ରୀ ନିଜ ଗୃହରୁ ଯିବା ଆସିବାକରି ଶିକ୍ଷାଲାଭର ସୁଯୋଗ ନେଇପାରନ୍ତେ।

ସ୍ୱାଧୀନତାଲାଭ ପରେପରେ ସମ୍ବଳ ଅଭାବରୁ ସରକାର କେବଳ ପ୍ରତି ଜିଲ୍ଲାର ସଦର ମହକୁମାରେ ଗୋଟାଏକରି ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥାପନକରି ନିଜର କର୍ତ୍ତବ୍ୟ ଶେଷ କରିଦେଇଥିଲେ। ତେଣୁ, ଗ୍ରାମାଞ୍ଚଳରେ ଓ ଅନ୍ୟ ସହରମାନଙ୍କରେ ଶିକ୍ଷା ପ୍ରସାର ମୁଖ୍ୟତଃ ବେସରକାରୀ ଉଦ୍ୟମରେ ହୋଇଥିଲା। ପରେ ସରକାର ଅବଶ୍ୟ ତନ୍ମଧ୍ୟରୁ କେତୋଟିକୁ ଅଧିଗ୍ରହଣକରି ସରକାରୀ ଶିକ୍ଷାନୁଷ୍ଠାନରେ ପରିଣତ କରିଥଲେ। ଏବେ ସେ ସ୍ଥିତିର ପରିବର୍ତ୍ତନ ହେଲାଣି।


ଯାହେଉ, ଗତ ଶତାବ୍ଦୀର ଅଷ୍ଟ ଦଶକରେ ଜଳେଶ୍ୱରରେ ମହିଳା ମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ନିମନ୍ତେ କେତେଜଣ ସହୃଦୟ ବ୍ୟକ୍ତି ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ପ୍ରସନ୍ନ କୁମାର ପାଳ, ଗଦାଧର ଗିରି, ଅଶ୍ୱିନୀ କୁମାର ପାତ୍ର, ଡାଃ.ଅତୁଲ ଚନ୍ଦ୍ର ପାତ୍ର, କାମଦେବ ପ୍ରଧାନ, କେଶବ ଚନ୍ଦ୍ର କର, ଜୟ ନାରାୟଣ ମହାନ୍ତି, ସୁରେନ୍ଦ୍ର ଚନ୍ଦ, ଅମୂଲ୍ୟ ଚନ୍ଦ, ଲକ୍ଷ୍ମୀକାନ୍ତ କର, ସତ୍ୟବ୍ରତ ଦାସ ଏବଂ ଅଭିଜିତ ପ୍ରଧାନ ପ୍ରଭୃତି । ପ୍ରଥମେ ପ୍ରସନ୍ନବାବୁ ଓ ଆଉ କେତେଜଣଙ୍କ ଉଦ୍ୟମରେ ଜଳେଶ୍ୱରରେ ରାମକୃଷ୍ଣ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ଥାପିତ ହେଲା ବାଘାବାଳି ଗ୍ରାମର ରାମକୃଷ୍ଣ ସ୍ୱାଇଁଙ୍କ ମହତ ଦାନରେ । ତାପରେ, ଏକ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ମିଳିତ ଉଦ୍ୟମ କରାଯାଇଥିଲା । ମାତ୍ର, ଶେଷ ପର୍ଯ୍ୟନ୍ତ ଉଦ୍‌ଯୋକ୍ତା ମାନଙ୍କ ମଧ୍ୟରେ ଏକତା ରକ୍ଷା କରାଯାଇପାରିଲାନି । ମନର ଅମେଳର ମୁଖ୍ୟ କାରଣଥିଲା ରାଜନୈତିକ ଆଦର୍ଶବାଦରେ ପାର୍ଥକ୍ୟ । ଗୋଟିଏ ଗୋଷ୍ଠୀର ନେତୃତ୍ୱ ଜନତା ଦଳର ଗଦାଧର ଗିରି ନେଉଥିବା ବେଳେ ଅନ୍ୟ ଗୋଷ୍ଠୀର ନେତୃତ୍ୱ ନେଉଥିଲେ କଂଗ୍ରେସ ଦଳର ଜୟନାରାୟଣ ମହାନ୍ତି । କେତେଜଣ ସହୃଦୟ ବ୍ୟକ୍ତି ଉଭୟ ପକ୍ଷ ମଧ୍ୟରେ ମିଳାମିଶା ନିମନ୍ତେ ଉଦ୍ୟମ କରିଥିଲେବି ତାହା ସମ୍ଭବ ହେଲାନାହିଁ । ଫଳରେ ଜଳେଶ୍ୱରରେ ଜନ୍ମନେଲା ଦୁଇଟି +୨ ମହିଳା ମହାବିଦ୍ୟାଳୟ ଯାହା ସଚରାଚର ଜନତା କଲେଜ ଓ କଂଗ୍ରେସ କଲେଜ ନାମରେ ପରିଚିତ ଯଦିବା ସେମାନଙ୍କର ପ୍ରକୃତ ନାମ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ଓ ଶ୍ରୀ ଜଗନ୍ନାଥ ମହିଳା ମହାବିଦ୍ୟାଳୟ, ଜଳେଶ୍ୱର। ପ୍ରଥମଟି ଜଳେଶ୍ୱରର ନୂଆବଜାରରେ ଓ ଅନ୍ୟଟି ଜଳେଶ୍ୱର କୋର୍ଟ ବଜାରରେ ଅବସ୍ଥିତ। ପରେ ଅବଶ୍ୟ ଜଳେଶ୍ୱର ମହିଳା ବିଦ୍ୟାଳୟରେ +୩ ଅନର୍ସ ଓ କେତେକ ବିଷୟରେ ଉପାଧ୍ୟୁତ୍ତର ଶିକ୍ଷାର ସୁବିଧା ଓ ଜଗନ୍ନାଥ ମହାବିଦ୍ୟାଳୟରେ ଉଭୟ ଛାତ୍ର ଓ ଛାତ୍ରୀମାନଙ୍କ ନିମନ୍ତେ ଅନର୍ସ ସହ + ୩ ଶିକ୍ଷାର ସୁବିଧା ଉପଲବ୍ଧ କରାଯାଇଛି । ପରିସ୍ଥିତିର ଚାପରେ ମୁଁ ପ୍ରଥମରୁ ଶ୍ରୀ ଜଗନ୍ନାଥ ମହିଳା ମହାବିଦ୍ୟାଳୟ ସହିତ ସଂପୃକ୍ତ ହୋଇଥିଲି ।

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

ଗଳ୍ପ

# ଚିତ୍ରଲିପି

## ଶ୍ରୀନିବାସ ସେଠୀ



ନିହାର ପାଖରୁ ଫୋନ୍ ଆସିଲା, 'ସାର୍ ! ସବୁ ଚିତ୍ର ବିକ୍ରି ସରି ଯାଇଛି ।' ନିହାର ଫୋନକୁ ମୁଁ ଅବଶ୍ୟ ଅପେକ୍ଷା କରିଥିଲି । କିନ୍ତୁ ଏତେ ଚଞ୍ଚଳ ଫୋନ ଆସିବ ବୋଲି ଭାବି ନଥିଲି । ଷୋହଳଟି ଚିତ୍ର ମାତ୍ର ଦୁଇ ଘଣ୍ଟାରେ ସେଲ୍ ହୋଇଗଲା। ମୁଁ ବହୁତ ଖୁସି ହୋଇଗଲି। ଚେକ୍ ପାଇଁ ନୁହେଁ ମୋ ଚିତ୍ରର ଡିମାଣ୍ଡ ପାଇଁ। ଚିତ୍ରଶିଳ୍ପୀର ଏଇତ ସବୁଠାରୁ ପ୍ରାପ୍ତି ! ତା କଳାର ଆଦର ।

ମୁଁ ଚିତ୍ର ଆଙ୍କିବାରେ ଯଦି ପ୍ରସିଦ୍ଧି ପାଇ ପାରିଛି, ତାର ଗୋଟିଏ କାରଣ ଅଛି । ମୋ ଚିତ୍ର ଅଙ୍କନରେ ଗୋଟିଏ ଦୃଷ୍ଟିଭଙ୍ଗୀ ଥାଏ । ଗୋଟିଏ ଥିମ୍ ଥାଏ ମୋର ସବୁ ଆର୍ଟରେ। ସେହି ଥିମ୍ ଯୋଗୁଁ ମୋ ଚିତ୍ରର ବହୁତ ଡିମାଣ୍ଡ। ସାଧାରଣ ଆଖିରେ ଦେଖିଲେ ଚିତ୍ରକୁ ବୁଝି ହେବନାହିଁ, ଲାଗିବ ଏଣୁ ତେଣୁ ରଙ୍ଗ ଓ ତୁଳୀର ତିଆରି ରେଖା ମିଶି ଯାଇଛି, ଗୋଟିଏ ପକ୍ଷୀର ଅଣ୍ଟ ପରି ଦିଶୁଛି ଅବା ଲଙ୍ଗଳା ପାହାଡ ପରି ଦିଶୁଛି କି ପତ୍ର ଝରା ପରେ ଗୋଟିଏ ଥୁଣ୍ଟା ଡାଳ ପରି ଦିଶୁଛି । କିନ୍ତୁ ଯଦି ମୋ ଥିମ୍‌କୁ ଜଣେ ବୁଝି ପାରିଲା, ବାସ୍ , ଚିତ୍ର ଦିଶିଲା ଅଲଗା ପ୍ରକାରର । ତା ଡିମାଣ୍ଡ ରହିଲା ଅନ୍ୟ ସ୍ତରରେ। ମୂଲ୍ୟ କଥା କେହି ପଚାରେନି। ଚିତ୍ରପ୍ରେମୀ ଠିକ୍ ମୂଲ୍ୟ ଦେଇ ନେଇଯାଏ ସାଙ୍ଗରେ । ମୁଁ ଏଇ ଚିତ୍ର ଭିତରେ ଯେଉଁ ମଡର୍ଣ୍ଣ ଥିମ୍ ନେଇ ଆସେ, ସେଇଥିପାଇଁ ଚିତ୍ରକର ହିସାବରେ ମୋ'ର ଏ ରାଜ୍ୟରେ, ରାଜ୍ୟ ବାହାରେ ମୋ'ର ପ୍ରସିଦ୍ଧି ରହିଛି । ଅନେକ ଆର୍ଟ କଲେଜରେ ମୁଁ ଅତିଥି ଭାବେ ନିମନ୍ତ୍ରିତ ହୋଇ ଯାଇଛି । ବହୁତ ଆର୍ଟ ପ୍ରଦର୍ଶନୀରେ ଜଜ୍ ଭାବରେ ମୋତେ ଡକା ଯାଇଛି ।

ମୋର ପୂର୍ବ ଇତିହାସ ନଥିଲା ଚିତ୍ର ସହ। ମୋ ବଂଶର କେହି କେବେ ଚିତ୍ର କରିବାର ମୋର ମନେ ପଡୁନି । ଏତକ ଭାବିଲା କ୍ଷଣି ମୋ'ର ଗୋଟିଏ ପୁରୁଣା ଘଟଣା ମନେ ପଡ଼ିଲା ଓ ସେହି ଘଟଣାଟି ମନେ ପଡି ଖୁବ୍ ମଧୁର ଅନୁଭବ ନେଇ ମୁହଁ ହସ ହସ ଦେଖାଗଲା ।

ମୁଁ ବୋଉ କୋଳରେ ବସି ଏ, ବି, ସି, ଡି ଶିଖିଛି । ବୋଉର ବୋଧେ ଚିତ୍ର କରିବାର ବହୁତ ଇଚ୍ଛା ଥିଲା । ସେ କୋଳରେ ବସାଇ ଛୋଟ ଛୋଟ କ୍ଲାସମେଟ୍‌ର କ୍ରେୟନର ରଙ୍ଗ ଧରାଇଛି । ମୁଁ ଚିତ୍ର ନକରି ବୋଉର କଲିକୁ କଳା କ୍ରେୟନରେ ବଡ କରାଇଛି, ତା ଭ୍ରୂଲତାରେ ଗାରେଇଛି। ଗୋଲାପୀ କ୍ରେୟନରେ ତା ଓଠକୁ ଜାବୁଡି ଧରି ଗାରେଇଛି। ପରେ ପରେ ବୋଉ ମୋତେ ତୂଳୀ ଓ ରଂଗ ଧରାଇଛି। ରଂଗ ନେଇ ଚିତ୍ର କରିବା ପରିବର୍ତ୍ତେ ତା ଶାଢ଼ୀକୁ ଓ ମୁହଁକୁ ମୁଁ ରଂଗ ଫିଙ୍ଗିଛି। ବୋଉ ବିରକ୍ତି ହୋଇ କହିଛି, 'ଦୂର ! ତୋ ଦେଇ ଚିତ୍ର ହେବନି।'

ମୋ ପଢା ଟେବୁଲ ପାଖରେ ଗୋଟିଏ ଚିତ୍ର ଥାଏ। ନିହାତି ମାମୁଲି ଓ କଞ୍ଚା ହାତର ଚିତ୍ର। ଶୁଣିଥିଲି ଆଇଠୁ ଯେ ମୁଁ ବୋଉ ପେଟରେ ଥିବା ବେଳେ ବୋଉ ମାମୁଁ ଘରକୁ ଯାଇ ରହିଥିଲା ଚାରିମାସ । କାମ କରିବାକୁ ତାକୁ ଆଇ ଦିଏନି । କ'ଣ କରିବ ଦିନ ସାରା ବସି ବସି ଭାବି ସେ କିଣି ଆଣିଥିଲା କିଛି ରଂଗ, ତୂଳୀ ଆଉ ଗୋଟିଏ ସାଦା କାନଭାସ। ତାପରେ ଗୁଣୁ ଗୁଣୁ ହୋଇ ଅଳ୍ପ ଅଳ୍ପ ଚିତ୍ର କରେ। ବାଡିର ଫୁଲ ବଗିଚାରେ ବୁଲେ, କଳିକାକୁ ଛୁଏଁ । ଟିକି ଚଢେଇକୁ ପାଖକୁ ଡାକେ। ତା ସହିତ କଥା କହି ଖୁସି ହେଉଥାଏ। କିନ୍ତୁ ସେ ବହୁତ ଖୁସି ହେଉଥାଏ ଚିତ୍ର ଆଙ୍କିବା ସମୟରେ । ସେ ଅଳ୍ପସମୟ ଚିତ୍ର ଆଙ୍କେ କିନ୍ତୁ ଭାବୁଥାଏ ବେଶି । ତା ଫୁଲିଲା ପେଟକୁ ଅଳ୍ପ ଅଳ୍ପ ଛୁଏଁ ଆଉ ତା ମୁହଁ ବାତ୍ସଲ୍ୟ ମମତାରେ ଉଜ୍ଜ୍ୱଳ ଦିଶୁଥାଏ । ଅନେକ ଦିନ ଚିତ୍ର କରି ସେ ପୂର୍ଣ୍ଣାଙ୍ଗ କରିଥାଏ ଗୋଟିଏ ଚିତ୍ର । ଗୋଟିଏ ଗାଈ ଆଉ ତା ପାଖରୁ ଦୁଧ ପିଉଥିବା ବାଛୁରୀର ଚିତ୍ର। ଚିତ୍ର ଯେ ବିଲକୁଲ ଭଲ ନଥିଲା, ସେଇଟା ସତ। ସେ ଚିତ୍ରକୁ ଦେଖି ବଡ ମାଇଁ ବହୁତ ହସିଲେ ଆଉ କହିଲେ , 'ଗାଈ ତ ଠିକ୍ ଅଛି କିନ୍ତୁ ବାଛୁରୀର ମୁହଁଟି ଟିକିଏ ମଣିଷର ମୁହଁ ପରି ଲାଗୁଛି ।' ମାଇଁଙ୍କ କଥା ଶୁଣି ବୋଉ ଲାଜ କରି ଚିତ୍ରଟିକୁ ନେଇ ନିଜ ଆଟାଚି ଭିତରେ ଲୁଚାଇ ରଖିଦେଲା ଆଉ ଯିଏ ଯେତେ କହିଲା ଦେଖିବାକୁ, ସେ କାହାରିକୁ ଦେଖାଇଲା ନାହିଁ। ପରେ ସେ ଆଉ କେବେ ଚିତ୍ର କରିନାହିଁ। ତା ଜୀବନର ସେଇ ଗୋଟିଏ ମାତ୍ର ଚିତ୍ର । ମୁଁ ଜନ୍ମ ହେଲି । ଶୁଣାଯାଏ ବୋଉ ନିଜେ ମୋ ନାମ ଦେଇଥିଲା ପ୍ରିୟାଂଶୁ । ସେଇ ଚିତ୍ରରେ ଗୋଟିଏ କୋଣକୁ ଲେଖାଥାଏ 'ମୋ ପ୍ରିୟାଂଶୁ ପାଇଁ।'

କିନ୍ତୁ ମୋ ପଢା ଟେବୁଲ ପାଖରେ ବୋଉ ଟାଙ୍ଗି ରଖିଥାଏ ତା ହାତର ଏ ଚିତ୍ର । ମୁଁ ଛୋଟ ଥିଲି । ପାଠ ପଢା ମଝିରେ ବୋଉକୁ ଚିତ୍ରକୁ ଦେଖାଇ ପଚାରେ, 'ବୋଉ ! ଏବେ କେଉଁଠି ଏ ଗାଈ ? ମାମୁଁ ଘର ଗାଆଁରେ'

ବୋଉ ହସିକରି କହେ, 'ନା ଏଇଠି ପରା। ସେ ଗାଈଟି ମୁଁ ଆଉ ତୁ ମୋ'ର ସେହି ଦୁଧ ପିଆ ଟିକି ବାଛୁରୀ ।' ମୁଁ ହସେ । ସେ ଚିତ୍ର ଭିତରୁ ମୁଁ ଓ ବୋଉ ଯେମିତି ହସି ହସି ବାହାରି ଆସୁ । ମୋ ମୁହଁ ଖୁସିରେ ପୁରିଯାଏ। ଚିତ୍ରଟି ସେଇମିତି ଥାଏ ସବୁଦିନ ମୋ ପଢା ଟେବୁଲ ସାମନା କାନ୍ଥରେ । ମୁଁ ସବୁଦିନ ବସେ । କାନ୍ଥରେ ଟଙ୍ଗା ହୋଇଥାଏ, କାନ୍ଥ ପରି ସେ ବି ରହିଥାଏ ମୋ ପାଖରେ । ପରେ ଚିତ୍ର ନେଇ ମୁଁ ବେଶି କିଛି ଭାବେନି, ଭୁଲି ଯାଇଥାଏ ଚିତ୍ରଟିଏ ସାମନାରେ ଅଛି ବୋଲି ।

ଅଷ୍ଟମରେ ପଢୁଥିବା ସମୟରେ ମୋ କ୍ଲାସ୍‌ମେଟ ଦେବାଂଶୀ, ସୁଜାତା, ମୟୂରୀ ଓ ସଂକଳ୍ପ ଥରେ ବୁଲିବାକୁ ଆସିଥିଲେ । ନୂଆ କରି କେହି ଘରକୁ ବୁଲି ଆସିଲେ ଆଖି ଘୁରାଇ ସବୁ ଦେଖନ୍ତି, କାନ୍ଥର ରଂଗ, ଝୁଲୁଥିବା ସ୍କ୍ରିନ, ଶେଷରେ ବୋଉର ସେ ଚିତ୍ର ଉପରେ ସେମାନଙ୍କ ଆଖି ପଡେ । ମାମୁଲି ଚିତ୍ର । ଚିତ୍ରର ଗାର ତେଢା ମେଢା, ରଙ୍ଗ ଏପଟ ସେପଟେ ବୋଳି ହୋଇ ଯାଇଥାଏ । ଶେଷରେ ମଣିଷ ମୁହଁ ପରି ବାଛୁରୀ। ତା ତଳକୁ ଲେଖା ହୋଇଥାଏ 'ମୋ ପ୍ରିୟାଂଶୁ ପାଇଁ ।'

ସେମାନେ ଚିତ୍ରକୁ ଦେଖି ବହୁତ ହସିଲେ । ମୋତେ ବଡ ଲାଜ ଲାଗିଲା । ସମସ୍ତେ ଫେରିଗଲା ପରେ ଚିତ୍ରକୁ ଓହ୍ଲାଇ ବାପାଙ୍କୁ ଦେଇ କହିଲି,'ବାପା ! ବୋଉକୁ ଦେଖାଇବନି ଆଉ ଏଇ ଚିତ୍ରକୁ ଫିଙ୍ଗି ଦେବ ସେ କିଆବଣ ଭିତରେ। ସେ ଚିତ୍ରକୁ ଦେଖି ମୋ ସାଙ୍ଗ ମାନେ ବହୁତ କୌତୁକ କରିଲେ ଆଜି । ମୋତେ ଖୁବ୍ ଅପମାନ ଲାଗିଲା ।' ବାପା ମୋ କହିବା ଅନୁସାରେ ବୋଉକୁ ଛୁପେଇ ନେଇଗଲେ ମୋ ହାତରୁ ଚିତ୍ରଟିକୁ ।

ବୋଉ କୋଳରେ ମୋର କୁତୁକୁତୁ ଶୈଶବ ପାର ହୋଇଯାଇଥାଏ। ବୋଉ ଆଜିକାଲି ମୋ ପଢା ଟେବୁଲ ପାଖରେ ବସେନି । ମୋର କ୍ଲାସ ବଢ଼ିଯାଇଥାଏ । ଟିଉସନ ସାର୍ ଆସନ୍ତି । ବୋଉ ମୋ ପଢା ଟେବୁଲ ପାଖରେ ସେ ଚିତ୍ର ନେଇ ମୋତେ କେବେ କିଛି ପଚାରିନି, କୁଆଡେ ଗଲା କି କ'ଣ ହେଲା ତା ହାତ ଅଙ୍କା ଚିତ୍ର । ହୁଏତ ସେ ଖୋଜିନି ଏଇଥିପାଇଁ ଯେ ସେ ଚିତ୍ର ଗୋଟିଏ ମାମୁଲି ଚିତ୍ର ବୋଲି ସମସ୍ତେ କହୁଥିଲେ ଅବା ମୋତେ ନେଇ ଚିତ୍ରଟି ବୋଉ ଆଙ୍କିଥିଲା ଅଥଚ ମୋତେ ଭଲ ଲାଗୁନଥିବାରୁ ସେ ଚିତ୍ର କୁଆଡେ ଗଲା ଆଉ ଖୋଜ ଖବର ନେବାର ଆବଶ୍ୟକତା ମନେ କରିନି ବୋଉ।

ସେ ଦିନକୁ ଆଜି କୋଡ଼ିଏ ବର୍ଷ ବିତିଗଲାଣି। ବୋଉ ଆମକୁ ଛାଡି ଯିବାଟା ଆଠ ବର୍ଷ ହୋଇଗଲାଣି।

ମଝିରେ ମଝିରେ ସେ ଚିତ୍ରଟି ମନେପଡେ।



ମୁଁ ଖୋଜେ। କାହିଁକି ଫିଙ୍ଗି ଦେଇଥିଲି ବୋଲି ଅବସୋସ କରେ। ଜଣେ ବଡ ଚିତ୍ରକର କାହିଁକି ସବୁବେଳେ ସେ କଞ୍ଚା ହାତର ଚିତ୍ରକୁ ଖୋଜିବୁଲେ ସେ କଥା ମୁଁ ନିଜକୁ ମଧ୍ୟ ବୁଝାଇ ପାରିନି। ସେଇ ଚିତ୍ରର ବଙ୍କା ରେଖା କେତେ ବେଳେ ମୋ ଆଖିରୁ ଲୁହ ଝରାଇ ଦିଏ । ମୁଁ ଦିନେ ଦିନେ ସେଇ କିଆବଣ ଭିତରେ ପଶି ବୋଉର ହାତ ଅଙ୍କା ଚିତ୍ରଟି ଖୋଜେ । କିଆବଣ ଏ ସମୟ ଭିତରେ ବହୁତ ବଢି ଯାଇଥାଏ । କିଆ କଣ୍ଟାରେ ଚିରି ମୋ ପାପୁଲିରୁ ରକ୍ତ ଝରିଆସେ ତଥାପି ସେ ଚିତ୍ର ଖୋଜି ପାଇନି। ଖୋଜି ଖୋଜି କିଆ ବଣ ଭିତରେ କେତେ ଥର ଅଭ୍ୟନ୍ତରରେ ଫୁଟିଥିବା କିଆ ଫୁଲ ବରଂ ଖୋଜି ପାଏ କିନ୍ତୁ ସେ ଫୋଟ ମୁଁ ପାଇନାହିଁ । ବାପାଙ୍କୁ ପଚାରେ, 'କେଉଁ ଜାଗାରେ ଫିଙ୍ଗିଛନ୍ତି' ସେ ବି କହି ପାରନ୍ତି ନାହିଁ। ବୟସାଧିକ କାରଣରୁ ସେ ମନେ ପକାଇ ପାରନ୍ତି ନାହିଁ । ମୁଁ ବୋଉର ଚିତ୍ର କଥା ପଚାରିଲେ, ସେ ଅସହାୟ ହୋଇ ମୋତେ ଅନାନ୍ତି । ଗଛକୁ , ପକ୍ଷୀ ଆଡ଼କୁ, ଆକାଶ ଆଡ଼କୁ ହାତ ଠାରି ଦେଖାଇ ଦିଅନ୍ତି ।

ବାପା ବୋଉ ଆଜି ନାହାନ୍ତି । ମୋ ଚିତ୍ରକର ଜୀବନରେ ମୁଁ ଏକେ ଠୁ ବଳି ଏକ ଭଲ ଭଲ ଚିତ୍ର ବନାଇଛି । ବାପା ମାଆଙ୍କ ଫୋଟ ବଦଳରେ ଅବିକଳ ଚିତ୍ର ଆଙ୍କି ରଖିଛି। ମୋ'ର ଚିତ୍ରର ଡିମାଣ୍ଡ ଦିନକୁ ଦିନ ବଢି ଚାଲିଛି । ମୋ ସ୍ତ୍ରୀ ଶେଫାଳି ମଧ୍ୟ ଜଣେ ପୋଟ୍ରେଟ ଆର୍ଟିଷ୍ଟ। ଏବେ ନିଜର ଗୋଟିଏ ଚିତ୍ରଶାଳା ଖୋଲିବାକୁ ସ୍ଥିର କରିଛୁ । ଜାଗା ଅଛି , ଘରର ଗ୍ରାଉଣ୍ଡ ଫ୍ଲୋର ଗୋଦାମ ହୋଇ ପଡ଼ିଛି । ସେଇଟି କରିବୁ ଆମ ଚିତ୍ରଶାଳା ।

ସେଦିନ ନିଜର ଗୋଟିଏ ଚିତ୍ରଶାଳା କରିବାକୁ ଯାଇ ଘର ତଳ ଷ୍ଟୋର ରୁମ୍‌କୁ ସଫା ସଫି କରି ଜିନିଷ ପତ୍ର ହଟାଇଲା ବେଳକୁ ପାଇଲି ବହଳ ଧୂଳି ବସି ଯାଇଥିବା ପୁରୁଣା ଫ୍ରେମ୍‌କରା ଫୋଟଟିଏ । ଧୂଳି ଝାଡି ଦେଲା ବେଳକୁ ଦେଖିଲି ବୋଉର ସେଇ କଞ୍ଚା ହାତରେ ଅଙ୍କା ଚିତ୍ର । ଛାତିରେ ଜଡାଇ ଧରି, ଶେଫାଳି ! ଶେଫାଳି ! ଡାକି ଦୌଡି ଆସିଲି ଉପର ଘରକୁ। 'ଦେଖ ! ଦେଖ ! ମୋ ବୋଉ ଆଙ୍କିଥିବା ଚିତ୍ର । କହୁ ନଥିଲିନା ମୋ ସାଙ୍ଗ ସେ ଚିତ୍ର ଦେଖି ହସୁଥିଲେ। ଦେଖ କେତେ ସୁନ୍ଦର ଚିତ୍ର ! ବୋଉ ମୋର ଗାଈଟିଏ। ଦେଖ ତା ମୁହଁରେ କେମିତି ବାତ୍ସଲ୍ୟରେ ଭରା । କେମିତି ଚାହିଁ ରହିଛି ତା ଛୋଟ ବାଛୁରୀକୁ । ପହ୍ନାରୁ ମୁହଁ ହଟାଇ କଅଁଳା ବାଛୁରୀ ମାଆକୁ ଚାହିଁ ଦେଲା ବେଳକୁ ଗାଈକୁ ଲାଗୁଛି ଏ ପୁରା ବ୍ରହ୍ମାଣ୍ଡର ଖୁସି କେବଳ ତା'ର। ଦେଖ ବାତ୍ସଲ୍ୟ ମମତାରେ ପହ୍ନାରୁ ଝରି ପଡୁଛି କେଇ ଟୋପା କ୍ଷୀର । ମୁଁ କେତେ ଚିତ୍ର ଆଙ୍କିଛି, କେତେ ପୁରୁସ୍କାର ପାଇଛି କିନ୍ତୁ କେବେ ଦେଖିଛ ଏ ଚିତ୍ର ପରି ଭାବ ମୁଁ କେବେ ଚିତ୍ର ଭିତରେ ଆଣି ପାରିଛି ?'

'ସତ ତ !' ରଞ୍ଜୁ ଖୁସିରେ ହସୁହସୁ କାନ୍ଦି ପକାଇଲା ।

ସେ ମନକୁ ମନ କହୁଥିଲା, 'ସମୟ ବି ଚିତ୍ର ଆଙ୍କେ, ଖାଲି ପଡିଥିବା କାନଭାସରେ ରଂଗ ଭରେ।'

♥ ବସନ୍ତପୁର, ଗେଙ୍ଗୁଟି, ବାଲେଶ୍ୱର
ମୋ:୯୦୦୨୦୨୦୬୦୪

# ଟଳିଲା ବାତ୍ୟା: ବନ୍ୟାଜଳ ପାଇଁ ବଢ଼ିଲା ଚିନ୍ତା;ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଲା ୧୦ଟି ଗାଁ



ନୀଳଗିରି , ୨୬/୧୦ (ନି.ପ୍ର): ନୀଳଗିରି ବ୍ଲକ୍ ବେଗୁନିଆ ପଞ୍ଚାୟତରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ଉକ୍ତ ପଞ୍ଚାୟତ ଦେଇ ଯିବାଆସିବା କରୁଥିବା ଲୋକ ପଞ୍ଚାୟତ ସଂଲଗ୍ନ ତିନୋଟି ପଞ୍ଚାୟତର ପ୍ରାୟ ୧୦ଟି ଗାଁ ବାହ୍ୟଜଗତରୁ ବିଛିନ୍ନ ହେବା ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଗୁନିଆ ଦେଇ ଯିବାଆସିବା କରୁଥିବା ରାସ୍ତା ଉପରେ ୪୦ବର୍ଷର ପୋଲ ଗତବର୍ଷ ଭୁଶୁଡ଼ି ପଡ଼ିଥିବାରୁ ନୂତନ ପୋଲ ନିର୍ମାଣ ପାଇଁ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ପ୍ରଚେଷ୍ଟାରେ ଏକ ନୂତନ ପୋଲର ନିର୍ମାଣ କାର୍ଯ୍ୟ ଚାଲୁଥିଲା। ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇ ତାହା ଉପରେ ୧୦ଖଣ୍ଡ ଗାଁର ଲୋକ ଯିବା ଆସିବା କରୁଥିଲେ। ମାତ୍ର ବାତ୍ୟା ଦାନା ପ୍ରଭାବରେ ଉପର ମୁଣ୍ଡରେ ପ୍ରବଳବର୍ଷା ହେବା ଫଳରେ ମୟୂରଭଞ୍ଜ କାଳଡ୍ୟାମରୁ ବର୍ଷାଜଳ ଛଡାଯିବା ଫଳରେ ହଠାତ୍ ବନ୍ୟାଜଳ ପ୍ରବାହିତ ହୋଇ ସୋନନଦୀ ଏବଂ ଶାଖା ନଦୀରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାପରେ ନଦୀ ଫୁଲିଉଠିବାରୁ ବେଗୁନିଆ ନିକଟସ୍ଥ ଅସ୍ଥାୟୀ ପୋଲ ଉପରେ ୩ଫୁଟ ଉଚ୍ଚତାରେ ଜଳ ପ୍ରବାହିତ ହେବା ଫଳରେ ବେଗୁନିଆ ଅପରପାର୍ଶ୍ୱରେ ଥିବା ବେଗୁନିଆ, ତୋଟାପଡ଼ା, ସଂଶାପାଳ, ଦୋବାଟି, ଡୁମଗଣ୍ଡିରା, ନିଶଙ୍କପୁର ଆଦି ୧୦ରୁ ଉର୍ଦ୍ଧ୍ୱ ଗାଁ ବିଚ୍ଛିନ୍ନ ହୋଇପଡ଼ିଥିଲା। ଏପଟେ ବାତ୍ୟା ଭୟ ଯାଇନଥିବା ବେଳେ ହଠାତ୍ ବନ୍ୟାପାଣି ଆସି ଲୋକଙ୍କ ଘରଦ୍ୱାର, ଧାନଜମି, ପରିବା ଫସଲରେ ପାଣି ପଶିଯିବାରୁ ବହୁ କ୍ଷୟକ୍ଷତି ହୋଇଛି। ତେବେ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚିନଥିବାରୁ ଉକ୍ତ ଅଞ୍ଚଳର ଲୋକ କ୍ଷଭୋ ପ୍ରକାଶ କରିଥିଲେ। ଅନୁରୂପ ଭାବେ ଅଯୋଧ୍ୟା ପଞ୍ଚାୟତର ବାଡ଼ିଆ ଗାଁ ବନ୍ୟା ପାଇଁ ପ୍ରତିବର୍ଷ ବାହ୍ୟଜଗତରୁ ବିଛିନ୍ନ ହୋଇପଡୁଥିବାରୁ ସ୍ଥାନୀୟ ପ୍ରଶାସନ ସବୁପ୍ରକାର ବ୍ୟବସ୍ଥା କରିଆସୁଥିବା ବେଳେ ଚଳିତ ବନ୍ୟାରେ ଉକ୍ତ ଗାଁ ମଧ୍ୟ ବିଛିନ୍ନ ହୋଇପଡ଼ିଛି। ମାତ୍ର ପ୍ରଶାସନ ପକ୍ଷରୁ ସେଭଳି ସୁବନ୍ଦୋବସ୍ତ କରାଯାଇନଥିବାରୁ ସ୍ଥାନୀୟ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି।

# ବାତ୍ୟା ଓ ଲଗାଣ ବର୍ଷାର ପ୍ରକୋପ କମିବା ପରେ ସୃଷ୍ଟି ହେଲା ବନ୍ୟା ପରିସ୍ଥିତି

## ବିଭିନ୍ନ ପଂଚାୟତରେ ପ୍ରଭାବିତ ଲୋକଙ୍କ ଅବସ୍ଥା ବୁଝିଲେ ସଦର ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୨୬/୧୦ (ନି.ପ୍ର): ବାତ୍ୟା 'ଦାନା'କୁ ନେଇ ବିଗତ ୩ ଦିନ ଧରି ଆଶା ଆଶଙ୍କାରେ ଥିବା ଲୋକଙ୍କ ଦୁଃଖ କଷ୍ଟକୁ ଦ୍ୱିଗୁଣିତ କରିଛି ପାଇଁ ସାମ୍ପ୍ରତିକ ବନ୍ୟା ସ୍ଥିତି । ବାତ୍ୟା ପ୍ରଭାବରେ ଲଗାଣ ବର୍ଷା, ବିଶେଷ କରି ବୁଢାବଳଙ୍ଗ ନଦୀର ଉପରମୁଣ୍ଡାରେ ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଏକାଧିକ ପଂଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଥିରେ ବଇଁଚା, ସିନ୍ଧିଆ, ବୁଆଁଳ, ନଗ୍ରମ ପଭୃତି ପଂଚାୟତ ସହ ସହରତଳୀ ଅଂଚଳ ପାଣିଘେରରେ ରହିଛି । ଏହି ପରିପ୍ରେକ୍ଷୀରେ ସଦର ବିଧାୟକ ମାନସ କୁମାର ଦତ୍ତ ବୋଟ ଯୋଗେ ବିଭିନ୍ନ ପଂଚାୟତରେ ପହଂଚି ପାଣିଘେରରେ ଥିବା ଲୋକଙ୍କ ସମସ୍ୟା ବୁଝିବା ସହ ସେଗୁଡିକର ନିରାକରଣ ସମ୍ପର୍କରେ ପଦକ୍ଷେପ ନେଇଛନ୍ତି । ଏପରିକି ପାଣି ଭିତରେ ପଶି ଘରକୁ ଘର ଯାଇ ସେ ଲୋକଙ୍କ ଅସୁବିଧା ସମ୍ପର୍କରେ ଅବଗତ ହୋଇଛନ୍ତି । ବଇଁଚା ଟିଆଖିଆ ରାସ୍ତାରେ ପାଣି ଚାଲୁଥିବାରୁ ଯାତାୟତ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ତେଣୁ ଜନସାଧାରଣଙ୍କ ସୁବିଧା ନିମନ୍ତେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଗୋଟିଏ ବୋଟ୍‌ର ବ୍ୟବସ୍ଥା କରାଯାଇଛି । ସେହିପରି ଉଦ୍ଧାର କାର୍ଯ୍ୟ ପରିଚାଳନା ନିମନ୍ତେ ଓଡ୍ରାଫ ପକ୍ଷରୁ ଏକାଧିକ ପାୱାର ବୋଟ ବ୍ୟବସ୍ଥା ହୋଇଥିବା ବିଧାୟକ ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ତେବେ ବନ୍ୟାଂଚଳରେ ବିପଦସଙ୍କୁଳ ଅବସ୍ଥାରେ ଥିବା ପରିବାରଙ୍କୁ ତୁରନ୍ତ ବାତ୍ୟା ଆଶ୍ରୟ ସ୍ଥଳକୁ ନେବା ପାଇଁ ପରାମର୍ଶ ଦେଇଛନ୍ତି । ପୂର୍ବରୁ ବାତ୍ୟା ପାଇଁ ଆଶ୍ରୟସ୍ଥଳୀ ଗୁଡିକରେ ଚାଲିଥିବା ରିଲିଫ କାର୍ଯ୍ୟକୁ ଅଧିକ ସାତ ଦିନ ଚଳାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି । ସମ୍ପୂର୍ଣ୍ଣ ବନ୍ୟା ପରିସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଲୋକଙ୍କ ପାଇଁ ସୁଷମ ରନ୍ଧା ଖାଦ୍ୟ ଓ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ବିଶେଷ କରି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖିବାକୁ ସେ ପରାମର୍ଶ ଦେଇଛନ୍ତି । ବନ୍ୟା ଛାଡିବା ପରେ ଚାଷ କ୍ଷୟକ୍ଷତିର ଆକଳନ ହେବ । ସମସ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ନିୟମ ଭିତ୍ତିରେ କ୍ଷତିପୂରଣ ପ୍ରଦାନ ହେବ ବୋଲି ସେ କହିଛନ୍ତି । ତେଣୁ ଜନସାଧାରଣଙ୍କୁ ଆଦୌ ଭୟଭୀତ ନହୋଇ ପ୍ରଶାସନ ଦ୍ୱାରା ଜାରି ହେଉଥିବା ବନ୍ୟା ସତର୍କ ସୂଚନା ମାନିବାକୁ ବିଧାୟକ ଶ୍ରୀ ଦତ୍ତ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ସରପଞ୍ଚ ରବିନାରାୟଣ ପ୍ରଧାନ, ଗୌରାଙ୍ଗ ଦାସ, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ରାଜେନ୍ଦ୍ର ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସଡକ ଦୁର୍ଘଟଣାରେ ବାଇକ ଆରୋହୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୬/୧୦ : ଚିରାଙ୍ଗ ଜିଲ୍ଲା ମୁଖ୍ୟାଳୟ କାଜଲଗାଓଁରେ ଜାତୀୟ ରାଜମାର୍ଗ ୨୭ରେ ଘଟିଥିବା ଦୁଃଖଦ ସଡକ ଦୁର୍ଘଟଣାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏକ ପଞ୍ଜୀକୃତ ହୋଇ ନ ଥିବା ହୋଣ୍ଡା ମୋଟର ସାଇକେଲକୁ ଏତ ଦୃତଗାମୀ ଚାରିଚକିଆ ଯାନ ଧକ୍କା ଦେଇଥିଲା ।ଯେଉଁ କାରଣରୁ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଦୃତଗତିରେ ଆସୁଥିବା ଗାଡି ସହିତ ଧକ୍କା ଏତେ ଭୟଙ୍କର ଥିଲା ମୋଟର ସାଇକେଲ ଆରୋହୀଙ୍କ ମୃତଦେହ କ୍ଷତବିକ୍ଷତ ହୋଇ ଜାତୀୟ ରାଜପଥରେ ବିଛାଡି ହୋଇଯାଇଥିଲା। କାଜଲଗାଓଁରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ବର୍ତ୍ତମାନ ପର୍ଯ୍ୟନ୍ତ ଚିହ୍ନଟ କରାଯାଇନାହିଁ।

# ବାତ୍ୟା 'ଦାନା' ର ମୁକାବିଲା ପାଇଁ ଉଦଳା ଏନ୍‌ଏସିର ଉଦ୍ୟମ ପ୍ରଶଂସନୀୟ

ଉଦଳା , ୨୬/୧୦ (ନି.ପ୍ର): ବାତ୍ୟା 'ଦାନା' ର ମୁକାବିଲା ସହିତ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ ହୋଇଥିବା ଲୋକ ମାନଙ୍କୁ ସହଯୋଗ କରିବା କ୍ଷେତ୍ରରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବାତ୍ୟାର ବହୁ ପୂର୍ବରୁ ନଗରପାଳ ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ସମସ୍ତ କାଉନସିଲର ଓ କର୍ମଚାରୀ ମାନଙ୍କୁ ନେଇ ବାରମ୍ବାର ତାଲିମ ପର୍ବ ଅନୁଷ୍ଠିତ ହୋଇଥିଲା । ବାତ୍ୟା ଆରମ୍ଭ ହେବାର କିଛି ଘଂଟା ପୂର୍ବରୁ ଅସୁରକ୍ଷିତ ଘରେ ବସବାସ କରୁଥିବା ଲୋକ ମାନଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତରିତ କରାଯାଇଥିଲା । ଏଥିପାଇଁ ସ୍ଥାନୀୟ ଦମକଳ ବାହିନୀ, ଓଡ୍ରାଫ ଟିମ୍, ସ୍ୱେଚ୍ଛାସେବି ସଂଗଠନ ଓ ଗଣମାଧ୍ୟମର ପ୍ରତିନିଧି ମାନେ ସହଯୋଗ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ବିଭିନ୍ନ ସ୍ଥାନରେ ୯ ଗୋଟି ଆଶ୍ରୟସ୍ଥଳ ଖୋଲାଯାଇଥିବା ବେଳେ ପ୍ରାୟ ୧ ହଜାରରୁ ଉର୍ଦ୍ଧ ବ୍ୟକ୍ତି ଏଥିରେ ଆଶ୍ରୟ ନେଇଥିବାର ଜଣାଯାଇଛି । ଆଶ୍ରୟସ୍ଥଳରେ ପିଇବା ପାଣି, ବିଦ୍ୟୁତ ଲାଇନର ବ୍ୟବସ୍ଥା କରାଯାଇଥିବା ବେଳେ ଯଥା ସମୟରେ ଖାଦ୍ୟ ପରସା ଯାଉଥିଲା ପରିମଳ ବ୍ୟବସ୍ଥା ଓ ରାତ୍ରୀ ରହଣିରେ କାହାରି ଯେପରି କିଛି ଅସୁବିଧା ନହୁଏ ସେଥିପାଇଁ ସତର୍କ ଦୃଷ୍ଟି ରଖାଯାଇଥିଲା । ବିଜ୍ଞାପିତ ଅଂଚଳ ପରିଷଦର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ହେମନ୍ତ ସିଂ ବାତ୍ୟା ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ସଂଜୟ ପାଢ଼ି, ସରୋଜ ପାଣି, ଧନେଶ୍ୱର କିସ୍କୁ, ସୁଶାନ୍ତ ପାତ୍ର, ପ୍ରତିଶ ଜେନା, ମହେନ୍ଦ୍ର ବେହେରା, କାଳିଚରଣ ବେହେରା, ସଂଗ୍ରାମ ସାହୁ, ଦାଶରଥି ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ । ନଗରପାଳ ଶ୍ରୀମତୀ ପଣ୍ଡାଙ୍କ ସମେତ ନିର୍ବାଚିତ କାଉନସିଲର ଶରତ ଚନ୍ଦ୍ର ଦାସ, ଶୁଭଦୀପ ମହାନ୍ତି, ଧିରେନ୍ଦ୍ର ଖଣ୍ଡେଲୱାଲ, ବିଶ୍ୱରଂଜନ ମୋଦି, ଉର୍ମିଳା ନାୟକ, ଯମୁନା ମାର୍ଣ୍ଡି, ମମତା ଟୁଡୁ, ଭାରତି ପାତ୍ର ପ୍ରମୁଖ ମିଳିମିଶି ସମସ୍ତ ଆଶ୍ରୟସ୍ଥଳ ବୁଲି ବୁଲି ପରିଦର୍ଶନ କରିବା ସହ ଲୋକଙ୍କର ସୁଖ ଦୁଃଖ ପଚାରି ବୁଝିଥିଲେ । ପ୍ରକାଶଥାଉକି ଗତ ୧୯୯୯ ମସିହା ମହାବାତ୍ୟା ସମୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ଧନ ଜୀବନ ନଷ୍ଟ ହୋଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ତେବେ ବାତ୍ୟା 'ଦାନା'ର ମୁକାବିଲା ଓ ପରିଚାଳନା ପାଇଁ ସହଯୋଗ କରିଥିବା ଦମକଳ ବାହିନି, ଓଡ୍ରାଫ ଟିମ୍, ସ୍ୱେଚ୍ଛାସେବି ସଂଗଠନ, ଗଣମାଧ୍ୟମର ପ୍ରତିନିଧି, ସମସ୍ତ କାଉନସିଲର ଓ କର୍ମଚାରୀ ବୃନ୍ଦଙ୍କୁ ନଗରପାଳ କୃତଜ୍ଞତା ଜଣାଇଛନ୍ତି ।




## ହରିଆଣାର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ

ନୂଆଦିଲ୍ଲୀ, ୨୬/୧୦ : ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନୀ ଶନିବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀ ସୈନୀ ପ୍ରଧାନମନ୍ତ୍ରୀଙ୍କୁ ଦୀପାବଳିର ପବିତ୍ର ପର୍ବର ଶୁଭେଚ୍ଛା ଜଣାଇଥିଲେ ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଚର୍ଚ୍ଚା କରିଥିଲେ। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଦୁଇ ନେତାଙ୍କର ସାକ୍ଷାତକାରର ଫଟୋ ଗୁଡ଼ିକୁ ଶେୟାର କରି ଲେଖିଛି, "ହରିୟାଣାର ମୁଖ୍ୟମନ୍ତ୍ରୀ ନାୟବ ସାଇନୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି।"

## ସାର୍ଟିଫିକେଟ ହଜିଛି

ମୁଁ ଗତ ୨୨/୧୦/୨୦୨୪ରିଖ ମଙ୍ଗଳବାର ଦରଡ଼ା ଛକରୁ ବାଲେଶ୍ୱର ପ୍ରଭୁଜି ବସ୍ ଓଡି ୦୧ ଇ ୭୯୯୧ରେ ବାଲେଶ୍ୱର ଯିବା ରାସ୍ତାରେ ମୋର ବେଗ୍ ସହ ସାର୍ଟିଫିକେଟ ଫାଇଲଟି ହଜି ଯାଇଅଛି। କୌଣସି ସହୃଦୟ ବ୍ୟକ୍ତି ଉକ୍ତ ବେଗ ସହ ସାର୍ଟିଫିକେଟ ଫାଇଲଟି ପାଇଥିଲ ଉପରୋକ୍ତ ଠିକଣାରେ ଫେରସ୍ତ ଦେବାକୁ ଅନୁରୋଧ କରୁଅଛୁ। ନାମ : ମନୋରଂଜନ ଦାସ, ପିତା: ଦାମୋଦର ଦାସ, ସା/ପୋ: ଦରଡ଼ା, ଥାନା : ବସ୍ତା, ଜିଲ୍ଲା : ବାଲେଶ୍ୱର, ମୋ: ୯୩୩୭୩୨୭୯୭୦

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଶ୍ରୀଜଗନ୍ନାଥ ସଂସ୍କୃତିକୁ ...

ମୂଳପୀଠର ବିଧିବିଧାନକୁ ଭୃକ୍ଷେପ ନକରି ବାରମ୍ବାର ଇସ୍କନର ଏଭଳି ଅଦିନିଆ ରଥଯାତ୍ରାର ଆୟୋଜନର ଅନେକ ଦୃଷ୍ଟାନ୍ତ ରହିଛି। ୨୦୨୦ ଜାନୁଆରୀ ମାସରେ ସବୁ ବିରୋଧ, ପ୍ରତିବାଦକୁ ପରୱା ନକରି ଆଶାଢ଼ ଶୁକ୍ଳ ଦ୍ୱିତୀୟା ତିଥି ବଦଳରେ ଶ୍ରୀପଞ୍ଚମୀରେ ମୁମ୍ବାଇରେ ରଥଯାତ୍ରାର ଆୟୋଜନ କରିଥିଲା ଇସ୍କନ ସଂସ୍ଥା। ଏହା ପୂର୍ବରୁ ୨୦୦୭ ଅକ୍ଟୋବରରେ ୬ ତାରିଖରେ ଲୁଧିୟାନା, ୨୦୦୭ ଡିସେମ୍ବର ୨୩ତାରିଖରେ ଦିଲ୍ଲୀରେ ବି ଅଦିନରେ ଇସ୍କନ ପକ୍ଷରୁ ରଥଯାତ୍ରା କରାଯାଇଥିଲା। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପରେ ଖୋଦ୍ ଗଜପତି ମହାରାଜ ଇସ୍କନର ଏଭଳି ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରା ବିରୋଧୀ କାର୍ଯ୍ୟକୁ ନେଇ ଉଦବେଗ ପ୍ରକାଶ କରିଆସିଛନ୍ତି। ଏପରିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ନିର୍ଦ୍ଧାରିତ ପୂଣ୍ୟତିଥି ବ୍ୟତିରକେ ଅନ୍ୟ ସମୟରେ ନକରିବାକୁ ଗତ ୨୦୧୯ ସେପ୍ଟେମ୍ବରରେ ଏକ ବାର୍ତ୍ତା ଦେଇଥିଲେ। ଏହାପରେ ଇସ୍କନ ଇଣ୍ଡିଆ ପକ୍ଷରୁ ବି ଏକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଯେଉଁ ତିଥିରେ ରଥଯାତ୍ରା ପଡୁଛି ସେହି ତିଥି ବ୍ୟତିରେକ ଅନ୍ୟ ସମୟରେ ରଥଯାତ୍ରା ନକରିବାକୁ ସଂକଳ୍ପ କରାଯାଇଥିଲା। ଏନେଇ ଗତ ୨୦୨୧ ଅଗଷ୍ଟ ମାସରେ ଇସ୍କନ ପକ୍ଷରୁ ଚିଠି ଲେଖି ଗଜପତି ମହାରାଜାଙ୍କୁ ଅବଗତ ବି କରାଯାଇଥିଲା। ହେଲେ ଏହା ସତ୍ତ୍ୱେ ବି ଇସ୍କନ ପକ୍ଷରୁ ପୁଣି କିଭଳି ଏଭଳି ଆସ୍ପର୍ଦ୍ଧା କରାଯାଉଛି ।ତେବେ ଇସ୍କନ ପକ୍ଷରୁ ହୋଇଥିବା ସଂକଳ୍ପକୁ ତାଙ୍କର ଆମେରିକାରେ ଥିବା ଶାଖା ଖାତିର କରୁନାହାନ୍ତି କି ବୋଲି ପ୍ରଶ୍ନ ଉଠିଛି। ଏନେଇ ଓଡ଼ିଶା ଇସ୍କନ ସଂସ୍ଥା ପକ୍ଷରୁ ପ୍ରତିକ୍ରିୟା ମିଳି ପାରି ନଥିଲା ବେଳେ, ଶ୍ରୀମନ୍ଦିର ପ୍ରଶାସନ, ଗଜପତି ମହାରାଜ ଓ ଶଙ୍କରାଚାର୍ଯ୍ୟ ଏଭଳି ଅଦିନିଆ ରଥଯାତ୍ରା ରୋକିବା ଦିଗରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି ଉଠିଛି। ଏଥିସହ ବିଦେଶରେ ରହୁଥିବା ପ୍ରବାସୀ ଭାରତୀୟ ଓ ଓଡ଼ିଆ ସୋସାଇଟି ଗୁଡ଼ିକ ମଧ୍ୟ ଇସ୍କନ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଅଦିନିଆ ରଥଯାତ୍ରାରୁ ସଂସ୍ଥାକୁ ନିବୃତ କରାଇବା ଦିଗରେ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି।

## ଖସି ପାରିବେନି ଲୁଟେରା...

ହେବ ଆସନ୍ତୁ ଜାଣିବା। ଇଣ୍ଟରନେଟ୍ ପ୍ରୋଟୋକଲ୍ (ଆଇପି) କ୍ୟାମେରା, ଯାହା ଆଇପି କ୍ୟାମେରା କିମ୍ବା ନେଟୱାର୍କ କ୍ୟାମେରା ଭାବରେ ଜଣାଶୁଣା। ଇଣ୍ଟରନେଟ୍ ମାଧ୍ୟମରେ ଫୁଟେଜ୍ ନେଣଦେଣ ସହ ଡିଜିଟାଲ୍ ଭିଡିଓ ସିସିଟିଭି ପ୍ରଦାନ କରିଥାଏ । ପ୍ରକୃତ ଆଇପି କ୍ୟାମେରା ସିଷ୍ଟମର ଏକ ରେକର୍ଡର୍ ନାହିଁ, ଯାହାକୁ ହେଡ୍ ଏଣ୍ଡ କୁହାଯାଏ । ଏହା ପରିବର୍ତ୍ତେ, ସିଷ୍ଟମରେ ଥିବା ପ୍ରତ୍ୟେକ ଆଇପି କ୍ୟାମେରା ଇଣ୍ଟରନେଟ୍ ସହିତ ସଂଯୁକ୍ତ, ଏବଂ କ୍ୟାମେରାର ଫୁଟେଜ୍ ଏବଂ ଭିଡିଓ ଫାଇଲଗୁଡ଼ିକ ସାଧାରଣତଃ କ୍ଲାଉଡରେ ଷ୍ଟୋର ହୋଇଯାଏ। ପ୍ରତ୍ୟେକ କ୍ୟାମେରା ଇଣ୍ଟରନେଟ୍ ସହିତ ସଂଯୁକ୍ତ ଥିବାରୁ ଆଇପି କ୍ୟାମେରା ସିଷ୍ଟମ ବନ୍ଦ ହୁଏନାହିଁ। ଆଇପି କ୍ୟାମେରା ଭିଡିଓ ଫୁଟେଜକୁ ଡିଜିଟାଲ୍ କ୍ୟାପଚର କରିଥାଏ ଏବଂ ଇଣ୍ଟରନେଟ୍ କିମ୍ବା ଏକ ସ୍ଥାନୀୟ ନେଟୱାର୍କ ପରି ଏକ ନେଟୱାର୍କରେ ତଥ୍ୟ ପଠାଇଥାଏ । ସେମାନେ ଭିଡିଓ ସିଗନାଲକୁ ଡାଟା ପ୍ୟାକେଟରେ ଏନକୋଡ୍ କରନ୍ତି ଯାହା ଏକ ନେଟୱାର୍କ ଭିଡିଓ ରେକର୍ଡର୍ (ଘଠଜ) କିମ୍ବା ଷ୍ଟୋରେଜ୍ ସ୍ପେସ୍ ପାଇଁ କେନ୍ଦ୍ରୀୟ ସର୍ଭରକୁ ପଠାଯାଇଥାଏ । ଉପଭୋକ୍ତାମାନେ ଦୂରରୁ ଫୁଟେଜ୍ ଆକ୍ସେସ କରିପାରିବେ । ଅର୍ଥାତ ଆଇପି ମନିଟରିଂ ସିଷ୍ଟମ ହିତାଧିକାରୀମାନଙ୍କୁ ବିଶ୍ୱର ଯେକୌଣସି ସ୍ଥାନରୁ ଲାଇଭ ଫୁଟେଜ ଦେଖିପାରିବେ। ବ୍ୟବସାୟ ତଥା ବିଲଡିଂ ମାଲିକମାନଙ୍କଧନ ସମ୍ପତ୍ତିକୁ ୨୪/୭ ସୁରକ୍ଷା ଯୋଗାଇବାରେ ଏହା ସାହାଯ୍ୟ କରିଥାଏ।

## ଭୁବନେଶ୍ୱର ଏୟାରପୋର୍ଟରେ...

କୁକୁଡା ଥୋପ ବି ଦେଇଛି ବନବିଭାଗ। ସେହିପରି ଯନ୍ତା, ପ୍ଲାଷ୍ଟିକ ଜାଲ ଓ ଅନ୍ୟାନ୍ୟ ଉପକରଣ ସହ ସଜାଗ ରହିଛି ଟିମ୍। ବନବିଭାଗ ପକ୍ଷରୁ ୩ଟି ସ୍ୱତନ୍ତ୍ର ଟିମ୍ ଆସି ଡମ୍ପିଂ ୟାର୍ଡ ପାଖରେ ଥିବା ଜଙ୍ଗଲରେ ଖୋଜାଖୋଜି ଚଳାଇଛନ୍ତି। ଜଙ୍ଗଲରେ କିଛି ପଗ୍ ମାର୍କ ଦେଖିବାକୁ ମିଳିଥିବାବେଳେ ବର୍ଷା ଯୋଗୁ ଏହା ଅସ୍ପଷ୍ଟ ହୋଇଯାଇଛି। ତେଣେ ଏହି ପଗ୍ ମାର୍କ ଗୁଡିକ ବିଲୁଆ ଭଳି ଜନ୍ତୁର ବୋଲି ଅନୁମାନ କରୁଛନ୍ତି ବନବିଭାଗର ଅଧିକାରୀ। ଦୀର୍ଘ ସମୟର ଖୋଳତାଡ ପରେବି ସ୍ପଷ୍ଟ ହୋଇପାରୁନି ଜନ୍ତୁଟି କଣ। ସେପଟେ ସ୍ଥାନୀୟ ଅଂଚଳରେ ଲୋକଙ୍କ ଭିତରେ ବାଘକୁ ନେଇ ଛନକା ପଶିଛି। ଏହା ପୂର୍ବରୁ ଗତ ୨୦୧୯ ଫେବ୍ରୁଆରୀ ୨୦ ତାରିଖରେ ଏୟାରପୋର୍ଟ ଅଞ୍ଚଳରେ ଏକ କଲରାପତରିଆ ବାଘ ଦେଖାଯାଇଥିଲା। ସେତେବେଳେ ବାଘଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା ବନବିଭାଗ ।ଏହା ପୂର୍ବରୁ ଗତ ୨୦୧୯ ଫେବ୍ରୁଆରୀ ୨୦ ତାରିଖରେ ଏୟାରପୋର୍ଟ ଅଞ୍ଚଳରେ ଏକ କଲରାପତରିଆ ବାଘ ଦେଖାଯାଇଥିଲା। ସେତେବେଳେ ବାଘଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା ବନବିଭାଗ ।

## ଫସଲ କ୍ଷୟକ୍ଷତିର ହେବ ...

ଜିଲ୍ଲାସ୍ତରରରୁ ସମ୍ପୂର୍ଣ୍ଣ ରିପୋର୍ଟ ଆସିବେ ଲୋକଙ୍କୁ ଡିବିଟି ମାଧ୍ୟମରେ କ୍ଷତିପୂରଣ ଯୋଗାଇ ଦିଆଯିବ । ଭୁଲ୍ ରିପୋର୍ଟ ନଦେବା ପାଇଁ ମଧ୍ୟ ଅଫିସରମାନଙ୍କୁ ସତର୍କ କରାଇ ଦିଆଯାଇଛି । ଯଦି କେହି ଏଭଳି ଭୁଲ୍ ରିପୋର୍ଟ ଦେବା ଜଣାପଡ଼େ ରାଜ୍ୟ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି । ସେହିପରି ରାଜ୍ୟ କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ସୂଚନା ଦେଇ କହିଛନ୍ତି ଯେ, ରାଜସ୍ୱ ଓ କୃଷି ବଭାଗର ମିଳିତ ସହଯୋଗରେ କ୍ଷୟକ୍ଷତି ଆକଳନ କରାଯିବ । ଜଳସେଚିତ ଜମିରେ ଫସଲ ନଷ୍ଟ ହୋଇଥିଲେ ଚାଷୀଙ୍କୁ ହେକ୍ଟର ପିଛା ୧୭ହଜାର ଟଙ୍କା, ଆଗ୍ରୋ ଫରେଷ୍ଟ/ ପ୍ଲାଂଟେସନ୍ ଚାଷ ନଷ୍ଟ ହୋଇଥିଲେ ହେକ୍ଟର ପିଛା ୨୨୫୦୦ଟଙ୍କା କ୍ଷତିପୂରଣ ଦିଆଯିବ । ସେହିପରି ଯଦି କୌଣସି ଚାଷୀଙ୍କ ଅଧା ହେକ୍ଟର ଚାଷଜମି ନଷ୍ଟ ହୋଇଥିବ ତାଙ୍କୁ ୪୨୦୦ଟଙ୍କା ସହାୟତା ମିଳିବ । ଅଳ୍ପ କିଛି କ୍ଷତି ହୋଇଥିଲେ ସର୍ବନିମ୍ନ ୧ହଜାର ଟଙ୍କା କ୍ଷତିପୂରଣ ଦିଆଯିବ । ଅନ୍ୟପକ୍ଷରେ କୃଷି ବିଭାଗର ତଥ୍ୟ ଅନୁସାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଯାହାଙ୍କ ପାଖରେ ୨ହେକ୍ଟର ପର୍ଯ୍ୟନ୍ତ ଚାଷଜମି ଥିବ ଓ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଥିବ ତା'ହେଲେ ସରକାରଙ୍କ ଧାର୍ଯ୍ୟ ସହାୟତା ମୂଳ ରେନଫେଡ୍ ଏରିଆର ହେକ୍ଟର ପିଛା ୮୫୦୦ଟଙ୍କା, ନିଶ୍ଚିତ ଜଳସେଚନ ଏରିଆରେ ହେକ୍ଟର ପିଛା ୧୭ହଜାର ଟଙ୍କା ଓ ପାରମ୍ପରିକ ଚାଷ ପାଇଁ ହେକ୍ଟର ପିଛା ୨୨୫୦୦ଟଙ୍କା ସହାୟତା ଦିଆଯିବ । ବାତ୍ୟା ଦାନା ପ୍ରଭାବରେ ରାଜ୍ୟର ୧୪ଟି ଜିଲ୍ଲା ପ୍ରଭାବିତ ହୋଇଥିବାବେଳେ ୫ଟି ଜିଲ୍ଲା କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ଚାଷଜମି ଜଳମଗ୍ନ ହେବା ସହ ଫସଲ ମଧ୍ୟ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି । କେବଳ ଭଦ୍ରକ ଜିଲ୍ଲାର ୭ଟି ବ୍ଲକର ୮୮୫୯୪ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଥିବାବେଳେ ସେଥିରୁ ୨୪୮୨୭ ହେକ୍ଟର ଚାଷଜମିରେ ଫସଲକ୍ଷତିର ଆକଳନ ହୋଇଛି । ସେହିପରି କେନ୍ଦ୍ରାପଡ଼ାର ୮ଟି ବ୍ଲକରେ ପ୍ରାୟ ୨୮୪୨୬ ହେକ୍ଟର, ବାଲେଶ୍ୱରର ୧୨ଟି ବ୍ଲକର ୪୩୯୬ହେକ୍ଟରରୁ ୩୧୪୦ ହେକ୍ଟର ଚାଷ ଜମିରେ ଫସଲ କ୍ଷତି ହୋଇଛି । ଯାଜପୁର ଜିଲ୍ଲାର ୭ଟି ବ୍ଲକର ୨୧୭୦୯ ହେକ୍ଟର ଜମି ଓ ମୟୂରଭଞ୍ଜର ୧୬ଟି ବ୍ଲକର ୨୩୮୧ ହେକ୍ଟର ଜମି ପ୍ରଭାବିତ ହୋଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ମହାରାଷ୍ଟ୍ର ନିର୍ବାଚନ ଲଢ଼ିବନି ଆପ୍: ...

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରେ। ଏପରିକି ଗୋଟିଏ ଆସନରେ ଦଳ ନିଜ ପ୍ରାର୍ଥୀଙ୍କୁ ଓହ୍ଲାଇବାକୁ ଆଲୋଚନା ମଧ୍ୟ କରିଥିଲା। ମହାରାଷ୍ଟ୍ରର କେବଳ ମାଲବାର ହିଲ୍ ଆସନରୁ ପ୍ରାର୍ଥୀ ଦେବାକୁ ଯୋଜନା କରିଥିଲା ବୋଲି ଅନେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ହେଲେ ବର୍ତ୍ତମାନ ମହାରାଷ୍ଟ୍ର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ ବୋଲି ଦଳ ପକ୍ଷରୁ ଔପଚାରିକ ଘୋଷଣା କରାଯାଇଛି। ପ୍ରକାଶ ଥାଉ, ମହାରାଷ୍ଟ୍ରର ସମସ୍ତ ୨୮୮ ଆସନରେ ଗୋଟିଏ ପର୍ଯ୍ୟାୟରେ ଆସନ୍ତା ନଭେମ୍ବର ୨୦ ତାରିଖରେ ଭୋଟ ଗ୍ରହଣ ହେବ। ନଭେମ୍ବର ୨୩ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

## ଫକୀରମୋହନ ସାହିତ୍ୟ...

ଜରିଆରେ ଅନୁରୋଧ କରିଛନ୍ତି । ପରିଷଦର ଆଜୀବନ ସଦସ୍ୟ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ, ପୂର୍ବତନ ସଂପାଦକ ଓ ଉପସଭାପତି ଅଭୟ ଦାସ, ବିଶିଷ୍ଟ ଲେଖକ ଡକ୍ଟର କାଳୀପଦ ପଣ୍ଡା,ସାହିତ୍ୟିକ ତଥା 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା, ଯତୀନ୍ଦ୍ର ପୁହାଣ, ଡକ୍ଟର ପ୍ରଦୀପ୍ତ ମିଶ୍ର, ଗାଳ୍ପିକ ଓ ଔପନ୍ୟାସିକ ଉଦୟ ନାରାୟଣ ଦାସ, ଶିଶୁସାହିତ୍ୟିକ ପୀତାମ୍ବର ଦାସ ପ୍ରମୁଖ ଏକ ମିଳିତ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ପରିଷଦର ପୂର୍ବ ଗରିମା ଫେରାଇ ଆଣିବା ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ଗୁରୁତ୍ୱ ଦେଇ ସହମତି ଭିତ୍ତିରେ ପରିଷଦର କର୍ମକର୍ତ୍ତା ଚୟନ କରାଯାଉ ଏବଂ ସାଧାରଣ ନିର୍ବାଚନ ଭଳି ରାଜନୈତିକ ଦଳର ନେତାମାନଙ୍କ ଭଳି ଭୋଟ୍ ଭିକ୍ଷା କାର୍ଯ୍ୟଠାରୁ ଦୂରେଇ ଏକ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏହା ସମ୍ପନ୍ନ ହେଉ ବୋଲି ସମସ୍ତଙ୍କୁ ନିବେଦନ କରିଛନ୍ତି ।

## ଜେଲରୁ ଲରେନ୍ସ ବିଷ୍ଣୋଇର...

ଏବଂ ଚରମ ଅବହେଳା ଦର୍ଶାଇ ସେମାନଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନା ଅନୁସାରେ, ୨୦୨୨ରେ ଲରେନ୍ସ ବିଷ୍ଣୋଇ ଖରାର ସିଆଇ ହେପାଜତରେ ଥିବାବେଳେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟକୁ ସାକ୍ଷାତକାର ଦେଇଥିଲା। ସିଦ୍ଧୁ ମୁସେୱାଲା ହତ୍ୟା ଘଟଣାରେ ଲରେନ୍ସ ବିଷ୍ଣୋଇକୁ ତିହାର ଜେଲରୁ ଖରାର ସିଏଏକୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମୟରେ ସେ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେଇଥିଲେ। ଏହାକୁ ନେଇ ବିବାଦ ଉପୁଜିବା ପରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏସଆଇଟି ଟିମ୍ ଗଠନ କରି ତଦନ୍ତ କରିଥିଲା। ତଦନ୍ତ ପରେ ପଞ୍ଜାବ ସରକାର ରାଜ୍ୟ ପୁଲିସର ୭ ଜଣ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ବିଷ୍ଣୋଇକୁ ତିହାର ଜେଲରୁ ଖରାର ସିଆଇଏକୁ ସ୍ଥାନାନ୍ତର କରାଯିବା ପରେ ଏହି ଇଣ୍ଟର୍ଭ୍ୟୁ ନିଆଯାଇଥିଲା। ସାକ୍ଷାତକାର ପ୍ରକ୍ରିୟା ଭିଡିଓ କନଫରେନ୍ସିଂ ଜରିଆରେ ହୋଇଥିଲା। ଏହି ସମୟରେ ଦାୟିତ୍ୱରେ ଥିବା ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଙ୍କର ଦୁଇ ଜଣ ଅଧିକାରୀ ଗୁରଶେର ସିଂହ ଏବଂ ସମୀର ବନୀତଙ୍କ ସମେତ ସାତ ଜଣଙ୍କୁ ନିଲମ୍ବନ କରାଯାଇଛି। ରାଜ୍ୟ ଗୃହ ସଚିବ ଗୁରକିରତ କିରପାଲ ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସବ୍-ଇନସ୍ପେକ୍ଟର ଏବଂ ମୁଖ୍ୟ କନଷ୍ଟେବଳ ଅଛନ୍ତି।

